ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.228, Bhubaneswar Tuesday, October 22, 2019 | ୨୨ତମ ବର୍ଷ ସଂଖ୍ୟା-୨୨୮ ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୨୨, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୟୁନାଇଟେଡ ଷ୍ଟେଟ୍ସ ଇଣ୍ଡିଆ ଷ୍ଟ୍ରାଟେଜିକ୍ ପାର୍ଟରସିପ୍ ଫୋରମ୍(ୟୁଏସ୍‌ଆଇଏସ୍‌ପିଏଫ୍)ର ସଦସ୍ୟମାନେ ଫଟୋପୋଜ୍ ଦେଉଛନ୍ତି

ବାଣିଜ୍ୟ ଓ ପରିବହନ ବିଭାଗ ହାତକୁ ଗଲା ବେସାମରିକ ବିମାନ ଚଳାଚଳ ବିଷୟ

ଭୁବନେଶ୍ୱର,(ପିଏନ)- ବେସାମରିକ ବିମାନ ଚଳାଚଳ ବିଷୟକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରୁ ବାଣିଜ୍ୟ ଓ ପରିବହନ ବିଭାଗକୁ ସ୍ଥାନାନ୍ତର କରିବାକୁ ଓଡିଶା .ସରକାରୀ କାର୍ଯ୍ୟ ନିୟମାବଳୀରେ ସଂଶୋଧନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତି ନେଇଛି।

ରାଜ୍ୟରେ ସାମ୍ପ୍ରତିକ ପ୍ରଶାସନିକ , ଅର୍ଥନୈତିକ ଓ ସାମଗ୍ରିକ ବିକାଶ ପରିପ୍ରେକ୍ଷୀରେ ଏବଂ ସାଧାରଣ ଜନତାଙ୍କ ଦୈନିନ୍ଦିନ ଜୀବନରେ ବେସାମରିକ ବିମାନ ଚଳାଚଳ ବ୍ୟବସ୍ଥାର କ୍ରମ ବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ରେ ସଡକ , ରେଳ ଏବଂ ବିମାନ ଚଳାଚଳ ସମ୍ବଳିତ ବ୍ୟବସ୍ଥାକୁ ସୁରକ୍ଷିତ ଓ ସମନ୍ୱିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ସମଗ୍ର ଗଣ ଗମନାଗମନ ପ୍ରଶାସନକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ସ୍ଥାନାନ୍ତର କରିବାକୁ ନିଷ୍ପତି ନେଇଛନ୍ତି।

ଶଙ୍କରାଚାର୍ଯ୍ୟଙ୍କ ହାତରେ ରହିବ ଗୋବର୍ଦ୍ଧନ ମଠର ପରିଚାଳନା ଦାୟିତ୍ୱ

ଭୁବନେଶ୍ୱର,(ପିଏନ)- ପୁରୀର ଗୋବର୍ଦ୍ଧନ ମଠକୁ ଓଡିଶା ହିନ୍ଦୁ ଦେବୋତର ଅଧିନିୟମ ୧୯୫୧ ପରିସରରୁ ବାଦ୍ ଦିଆଯାଇଛି। ଏଣିକି ମଠର ପରିଚାଳନାଗତ ଅଧିକାର ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅଧୀନରେ ରହିବ। ଏହି ଅଧିନିୟମକୁ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବ ଉପରେ ସୋମବାର ରାଜ୍ୟ କ୍ୟାବିନେଟ୍ ମୋହର ଲଗାଇଛି।

ରାଜ୍ୟରେ ହିନ୍ଦୁ ଧାର୍ମିକ ଅନୁଷ୍ଠାନ ଗୁଡିକ କ୍ଷେତ୍ରରେ ପୁରୀର ଗୋବର୍ଦ୍ଧନ ମଠ ଓ ଶ୍ରୀ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅଗ୍ରଣୀ ଓ ମୁଖ୍ୟ ଭୂମିକା ରହିଥିବାରୁ ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମତଟି ଦ୍ୱାରା ଅନୁମୋଦିତ ହୋଇ ଗୋବର୍ଦ୍ଧନ ମଠ ସମେତ ବିଭିନ୍ନ କ୍ଷେତ୍ରରୁ ପ୍ରାପ୍ତ ଅନୁରୋଧକୁ ବିଚାରକୁ ନେଇ ଓଡିଶା ହିନ୍ଦୁ ଦେବୋତର ଅଧିନିୟମ ୧୯୫୧କୁ ସଂଶୋଧନ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି।

ବସୁଧା ଯୋଜନାରେ ଢେଙ୍କାନାଳରେ ନିର୍ମାଣ ହେବ ୨ଟି ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ

ଭୁବନେଶ୍ୱର,(ପିଏନ)- ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ଢେଙ୍କାନାଳ ଜିଲ୍ଲାରେ ୨ଟି ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ରାଜ୍ୟ କ୍ୟାବିନେଟ୍ ଠିକାଦାର ସଂସ୍ଥା ଭୋଲଟାସ୍ ଲିମିଟେଡ୍ ଥାଣେ ର ୩୪୯.୩୮ କୋଟି ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ଅନୁମୋଦନ କରିଛନ୍ତି। ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ଉକ୍ତ ପ୍ରକଳ୍ପ ଗୁଡିକ ଦ୍ୱାରା ଢେଙ୍କାନାଳ ଜିଲ୍ଲାର ୨ ଟି ବ୍ଲକ୍ ଅଧୀନରେ ଥିବା ୬୩ଟି ଗ୍ରାମ ପଂଚାୟତ ଅନ୍ତର୍ଗତ ୩୧୭ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୩୧,୭,୯୧୪ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ଉକ୍ତ ଜିଲ୍ଲାର ଓଡାପଡା ବ୍ଲକ୍ ଅନ୍ତର୍ଗତ ୨୮ଟି ଗ୍ରାମପଂଚାୟତ ଅଧୀନରେ ଥିବା ୧୩୨ଟଇ ଗ୍ରାମର ୧୪,୩,୪୮୨ ଲୋକ ଓ ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ୩୫ଟି ଗ୍ରାମପଂଚାୟତ ଅଧୀନରେ ୧୮୫ଟି ଗ୍ରାମର ୧୭,୪,୪୩୨ ଲୋକ ଉପକୃତ ହେବେ।

ଜାତି, ବାସିନ୍ଦା ପ୍ରମାଣପତ୍ର ଦେୟ ଛାଡ୍ କୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର,୨୧ ଅକ୍ଟୋବର - ବାସିନ୍ଦା , ଆୟ , ଆୟ ଓ ସମ୍ପତି (ଆର୍ଥିକ ଅନଗ୍ରସର ବର୍ଗ ନିମନ୍ତେ), ଉତରାଧିକାରୀ , ଅଭିଭାବକ , ତଫସିଲ ଜାତି , ତଫସିଲଭୁକ୍ତ ଜନଜାତି , ଅନ୍ୟାନ୍ୟ ପଛୁଆ ବର୍ଗ , ସାମାଜିକ ତଥା ଆର୍ଥିକ ଏବଂ ଅନଗ୍ରସର ବର୍ଗ ପ୍ରମାଣ ପତ୍ର ପାଇଁ ଜନସାଧାରଣଙ୍କ ଠାରୁ ଆଦାୟ କରାଯାଉଥିବା ସମସ୍ତ ପ୍ରକାର ଦେୟ ଛାଡ୍ କରିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

ଆତଙ୍କବାଦୀମାନେ ନ ସୁଧୁରିଲେ ପିଓକେରେ ପ୍ରବେଶ କରି ମାରିବୁ : ରାଜ୍ୟପାଳ ମଲିକ

ଜାମ୍ମୁ : ପାକ ଅଧିକୃତ କାଶ୍ମୀର (ପିଓକେ) ସ୍ଥିତ ଆତଙ୍କବାଦୀ କ୍ୟାମ୍ପ ଗୁଡିକୁ ଭାରତୀୟ ସେନା ଦ୍ୱାରା ତୋପ ଦ୍ୱାରା ଆକ୍ରମଣ କରି ଧ୍ୱସ୍ତ କରା ଯିବା ପରେ ଜାମ୍ମ କାଶ୍ମୀରର ରାଜ୍ୟପାଳ ସତ୍ୟପାଲ ମଲ୍ଲିକ କହିଛନ୍ତି ଯେ ଯଦି ଆତଙ୍କବାଦୀ ମାନେ ନ ସୁଧରନ୍ତି ତେବେ ଆମେ ପାକ ଅଧିକୃତ କାଶ୍ମୀରରେ ପ୍ରବେଶ କରି ଆତଙ୍କବାଦୀ କ୍ୟାମ୍ପଗୁଡିକୁ ଶେଷ କରି ଦେବୁ ।ସେ କହିଛନ୍ତି ଯେ ଯେଭଳି ଭାବେ ପାକିସ୍ତାନ ଲଗାତାର ଯୁଦ୍ଧ ବିରତି ଉଲ୍ଲଂଘନ କରି ଭାରତୀୟ ଅଂଚଳ ଉପରେ ଆକ୍ରମଣ କରୁଛି ତାକୁ ରୋକିବା ପାଇଁ ଭାରତ ଉଚିତ ପଦକ୍ଷେପ ନେବ ।

ଉଲ୍ଲେଖନୀୟ ଆତଙ୍କବାଦୀ ମାନଙ୍କ ପ୍ରବେଶ ପାଇଁ ପାକିସ୍ତାନୀ ସେନା ପକ୍ଷରୁ ଯୁଦ୍ଧ ବିରତି ଉଲ୍ଲଂଘନ କରା ଯାଇଥିଲା । ଏହାର ଭାରତୀୟ ସେନା ଜବାବ ଦେଇଥିଲା ଓ ଏଥିରେ ଅନେକ ଆତଙ୍କବାଦୀ, ସୈନିକ ଓ ଲଂଚ ପ୍ୟାଡ ଧ୍ୱଂସ ହୋଇ ଯାଇଥିଲା ।

କ୍ୟାବିନେଟ୍ ବୈଠକରେ ୧୦ଟି ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,(ପିଏନ)- ଓଡିଶାର ପୁରୀ ସହରକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର କରାଯିବ। ଏଥିପାଇଁ ରାଜ୍ୟ ସରକାର ୧୫ ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଏଥିଲାଗି ୩ ବର୍ଷରେ ୩,୨୦୮ କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ରେ ୭୧୯ କୋଟି ଟଙ୍କା ବ୍ୟୟ କରାଯିବ । ସେହିପରି ୨୦୨୦-୨୧ ବର୍ଷରେ ୧୪୦୨ କୋଟି ଏବଂ ୨୦୨୧-୨୦୨୨ରେ ୧୦୮୭ କୋଟି ଖର୍ଚ୍ଚ କରାଯିବ।

ସୋମବାର ଦିନ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ କହିଛନ୍ତି ଯେ ପୁରୀରେ ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଯାତ୍ରୀ ମାନଙ୍କୁ ଉନ୍ନତ ଓ ସୁଲଭ ମୂଲ୍ୟରେ ସୁବିଧା ସୁଯୋଗ ଯୋଗାଇଦେବାକୁ ନିଷ୍ପତି ନେଇଛନ୍ତି। ଏଥିପାଇଁ ୨୦୧୭-୧୮ ବର୍ଷରେ ଅବଢା ଯୋଜନାର ଶୁଭାରମ୍ଭ ହୋଇଥିଲା। ପୁରୀରେ ହବିଷିୟାଳି ମାନଙ୍କର ରହଣି ପାଇଁ ନୂତନ ଆଶ୍ରୟସ୍ଥଳୀ ନିର୍ମାଣ , ପୁରୀର ବିଭିନ୍ନ ସ୍ଥାନରେ ରାସ୍ତାର ଉନ୍ନତିକରଣ ଓ ଷ୍ଟାଡିୟମ୍ ନିର୍ମାଣ ଚାଲୁ ଅଛି। ଫନି ପରେ ମୁଖ୍ୟମନ୍ତ୍ରୀ ପୁରୀ ଗସ୍ତ କରି ଏହାକୁ ବିଶ୍ୱ ଐତିହ୍ୟ ସହରଭାବେ ଗଢିବାକୁ ଘୋଷଣା କରିଥିଲେ । ଏହି ସମୟରେ ଜଷ୍ଟିସ୍ ବିମଳ ପ୍ରସାଦ ଦାଶଙ୍କୁ ନେଇ ଗଠିତ ତଦନ୍ତ ଆୟୁକ୍ତଙ୍କ ସୁପାରିଶ ଅନୁଯାୟୀ ପୁରୀ ଜଗନ୍ନାଥ ମନ୍ଦିର ଓ ଦେବୋତର ସଂସ୍ଥାର ସୁଶାସନ ଓ ପ୍ରଶାସନ ପାଇଁ କେତେକ ଯୋଜନା ଅନୁମୋଦନ କରିନ୍ତି। ଏଗୁଡିକୁ ଅବଢା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।

ମୁଖ୍ୟମନ୍ତ୍ରୀ ଅବଢା ଯୋଜନାରେ କେତେକ ନୂତନ ପ୍ରକଳ୍ପ ଯଥା ଶ୍ରୀ ଜଗନ୍ନାଥ ମନ୍ଦିରର ସୁରକ୍ଷା ଓ ଐତିହ୍ୟ କ୍ଷେତ୍ରର ବିକାଶ,ଶ୍ରୀ ସେତୁ ପ୍ରକଳ୍ପ , ମୂଷା ନଦୀର ପୁନରୁଦ୍ଧାର ଯୋଜନା , ବହୁତଳ କାର ପାର୍କିଂ , ପୁରୀ ହ୍ରଦ ଉନ୍ନତିକରଣ , ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର , ଗୃହ ନିର୍ମାଣ ଯୋଜନା , ରଘୁନନ୍ଦନ ପାଠାଗାର , ଆଚାର୍ଯ୍ୟ ହରିହର ଛକର ପୁନଃ ଉନ୍ନତିକରଣ , ଅଠରନଳାର ଐତିହ୍ୟର ଉନ୍ନତିକରଣ ଓ ବିଭିନ୍ନ ମଠର ଉନ୍ନତି ପ୍ରଚେଷ୍ଟାକୁ ମୁଖ୍ୟମନ୍ତ୍ରୀ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି।

ବିଜେପୁର ଉପନିର୍ବାଚନ : ଇଭିଏମ୍‌ରେ ସିଲ୍ ହେଲା ୫ ପ୍ରାର୍ଥୀଙ୍କ ଭାଗ୍ୟ

ଭୁବନେଶ୍ୱର, (ପିଏନ)- ବିଜେପୁର ଉପନିର୍ବାଚନ ଲାଗି ଭୋଟ୍ ଗ୍ରହଣ ଶେଷ ହୋଇଛି। ଏହି ଆସନ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ୫ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍ ରେ ସିଲ୍ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସଂଧ୍ୟା ୫ ଟା ସୁଦ୍ଧା ୭୨ ପ୍ରତିଶତ ମତଦାନ ହୋଇଛି। ସମ୍ପୂର୍ଣ୍ଣ ତଥ୍ୟ ମିଳିବା ପରେ ଭୋଟିଂ ହାର ବୃଦ୍ଧିପାଇପାରେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ମତଦାନ ଶେଷ ହେବା ପରେ ପୁଲିଂ ଅଧିକାରୀ ଓ କର୍ମଚାରୀମାନେ ରାତି ସୁଦ୍ଧା ପଦ୍ମପୁରରେ ପ୍ରସ୍ତୁତ କରାଯାଇଥିବା ଷ୍ଟ୍ରଙ୍ଗ ରୁମ୍ ରେ ଇଭିଏମ୍ ଓ ଅନ୍ୟ ସାମଗ୍ରୀ ଦାଖଲ କରିବେ। ନିର୍ବାଚନ ଫଳାଫଳ ଅକ୍ଟୋବର ୨୪ରେ ପ୍ରକାଶ ପାଇବ। ଭୋଟ ଗଣତି ଅକ୍ଟୋବର ୨୪ରେ ପଦ୍ମପୁରସ୍ଥିତ ଅଂଚଳ ମହାବିଦ୍ୟାଳୟ ଠାରେ ପୂର୍ବାହ୍ନ ୮ଟାରୁ ଆରମ୍ଭ ହେବ। ସୋମବାର ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଛି। ମତଦାତାମାନେ ଶାନ୍ତିଶୃଙ୍ଖଳାର ସହ ଲମ୍ୟା ଲାଇନରେ ଛିଡ଼ା ହୋଇ ମତାଧିକାର ସାବ୍ୟସ୍ତ କରିଥିଲେ। ଭୋଟ ଦେବା ପାଇଁ ସକାଳୁ ସକାଳୁ ୨୮୫ଟି ବୁଥରେ ଭିଡ ପରିଲକ୍ଷିତ ହୋଇ ନ ଥିଲେ ବି ପରେ ପରେ ବୁଥକୁ ମତଦାତାଙ୍କ ଭିଡ ବଢିବାରେ ଲାଗିଥିଲା। ବିଶେଷ କରି ମହିଳା ଭୋଟରମାନଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସେମାନେ ଲମ୍ୟା ଲାଇନରେ ଘଂଟା ଘଂଟା ଧରି ଛିଡା ହୋଇ ଭୋଟ୍ ଦେଇଥିଲେ। ଅନ୍ୟପଟେ ସାଧାରଣ ଭୋଟରଙ୍କ ସହିତ ଧାଡ଼ିରେ ଛିଡା ହୋଇ ନିଜ ନିଜ ମତଦାନ ସାବ୍ୟସ୍ତ କରିଥିଲେ ଜିଲ୍ଲାର ଜଣାଶୁଣା ନେତା। ବିଜେଡି ପ୍ରାର୍ଥୀ ରୀତା ସାହୁ , ବିଜେପି ପ୍ରାର୍ଥୀ ସନତ ଗଡତିଆ ଓ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପଣ୍ଡା ମଧ୍ୟ ଧାଡିରେ ଠିଆ ହୋଇ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ ।

ସକାଳ ୯ଟା ସୁଦ୍ଧା ୧୧ ପ୍ରତିଶତ ମତଦାନ ହୋଇଥିଲା ବେଳେ ଦିନ୧୧ଟା ସୁଦ୍ଧା ୨୫.୭% ମତଦାନ ହୋଇଥିଲା। ସେହିପରି ଦିନ ଗୋଟାଏ ସୁଦ୍ଧା ୩୭.୧୦% ଏବଂ ୩ ଟା ସୁଦ୍ଧା ୫୬.୫ % ମତଦାନ ହୋଇଥିଲା। ସୂଚନାଯୋଗ୍ୟ ଯେ ବିଜେପୁରରେ ମୋଟ ୨୮୫ଟି ବୁଥରେ ଭୋଟ୍ ଗ୍ରହଣ କରାଯାଇଥିଲା। ୨ଲକ୍ଷ ୩୨ହଜାର ୨୬୪ଜଣ ଭୋଟର ମୋଟ ୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ୧୨୯ ଟି ବୁଥକୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି ଥିବା ବେଳେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ମୋଟ ୧୮୯୫ଜଣ କର୍ମଚାରୀଙ୍କୁ ଭୋଟ ଗ୍ରହଣ କେନ୍ଦ୍ରରେ ନିୟୋଜିତ କରାଯାଇଥିଲା। ନିର୍ବାଚନମଣ୍ଡଳୀରେ ୬ଟି ବୁଥ୍ ନକ୍ସଲ ପ୍ରବଣ ଅଂଚଳରେ ହୋଇଥିବାବେଳେ ୧୪ଟି ବୁଥରେ ସିସିଟିଭି, ୧୬ଟି ବୁଥରେ ଭିଡିଓଗ୍ରାଫି ଓ ୨୮ଟି ବୁଥରେ ୱେବକାଷ୍ଟିଙ୍ଗ୍ ବ୍ୟବସ୍ଥା କରାଯାଇଥିଲା। ସେଠାରେ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା। ୩୩ ପ୍ଲାଟୁନ୍ ଫୋର୍ସ ସହ ୫ କମ୍ପାନୀ ସିଆରପିଏଫ୍ ଓ ବରିଷ୍ଠ ପୋଲିସ୍ ଅଧିକାରୀ ନିୟୋଜିତ ହୋଇଥିଲେ। ବିଜେପୁରରେ ଏଥର ୧୧ଟିଆଦର୍ଶ ବୁଥ କରାଯାଇଥିଲା। ଏହାସହ ଦିବ୍ୟାଙ୍ଗମାନଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଥିଲେ। ବିଜେପୁରରେ ମୁଖ୍ୟତଃ ବିଜେପି, ବିଜେଡି ଏବଂ କଂଗ୍ରେସ ମଧ୍ୟରେ ଏହି ଲଢେଇ ହେଉଛି। ଶାନ୍ତିଶୃଙ୍ଖଳା ସହିତ ସୁରୁଖୁରୁରେ ଭୋଟ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

ଭାରତ-ଆମେରିକା ଦ୍ୱିପାକ୍ଷିକ ବ୍ୟବସାୟିକ ସମ୍ପର୍କକୁ ମଜବୁତ୍ କରିଛି ଉର୍ଜା କ୍ଷେତ୍ର : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ)- ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ବନ୍ଧକୁ ମଜବୁତ୍ କରିବାରେ ଉର୍ଜା କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଆୟୋଜିତ ଭାରତ-ଆମେରିକା ରଣନୈତିକ ସହଯୋଗୀ ଫରୋମ(ୟୁଏସ୍‌ଆଇଏସପିଏଫ୍‌ର)ର ବାର୍ଷିକ ନେତୃତ୍ୱ ସମ୍ମିଳନୀରେ ଆମେରିକାର ରାଷ୍ଟ୍ରଦୂତଙ୍କ ସହ ସର୍ବଜନୀନ ଆଲୋଚନା କରିବା ସମୟରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆମେରିକାର ରାଷ୍ଟ୍ରଦୂତ ଟିମ୍ ରୋଏମର୍‌ଙ୍କ ସହ ସାକ୍ଷାତକାରରେ ବିଭିନ୍ନ ପ୍ରଶ୍ନର ଉତରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟରେ ରଣନୈତିକ ଉର୍ଜା ସହଯୋଗ କାରଣରୁ ଗତ ତିନି ବର୍ଷରେ ଅଭୁତପୂର୍ବ ପରିବର୍ତ୍ତନ ହୋଇଛି । ଭାରତ ଓ ଆମେରିକା ମଧ୍ୟରେ ପାରସ୍ପରିକ ବାଣିଜ୍ୟିକ ବ୍ୟବସାୟ ୨୦୧୪ ପରେ କ୍ରମାଗତ ଭାବେ ବଢିଚାଲିଛି । ଏ ଦିଗରେ ଉର୍ଜା ପ୍ରମୁଖ ଭୂମିକା ଗ୍ରହଣ କରିଛି । ଭାରତ ଆମେରିକା ଠାରୁ ୨୦୧୮-୧୯ ଆର୍ଥିକ ବର୍ଷରେ ୩.୫୮ ବିଲିୟନ ଆମେରିକୀୟ ଡଲାରର ଅଶୋଧିତ ତୈଳ ଆମଦାନୀ କରିଛି । ଏହି ମର୍ମରେ ଭାରତ ଆମେରିକା ଠାରୁ ମୋଟ ୭.୨ ବିଲିୟନ ଆମେରିକାୟ ଡଲାରର ଏଲଏନଜି ସମେତ ପେଟ୍ରୋଲିୟମ ଉତ୍ପାଦ ଆମଦାନୀ କରିଛି । ସେ କହିଛନ୍ତି ଯେ ବହୁତ କମ୍ ସମୟ ମଧ୍ୟରେ ଅଶୋଧିତ ତୈଳ ଉତ୍ପାଦନ କରିବା ଦିଗରେ ଆମେରିକା ପ୍ରମୁଖ ୧୦ ଦେଶ ତାଲିକା ରହିପାରିଛି । ଏଲଏନଜି ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଆମେରିକା ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ଭାରତୀୟ କମ୍ପାନୀ ଗୁଡିକ ପ୍ରଥମରୁ ହିଁ ଆମେରିକାର ତୈଳ ଏବଂ ଗ୍ୟାସ୍ ଆସେଟ୍ ଗୁଡିକରେ ପୁଞ୍ଜି ନିବେଶ କରୁଛନ୍ତି । ଆମେରିକା ପାଇଁ ବର୍ତମାନ ଭାରତ ବିଶ୍ୱରେ ଚତୁର୍ଥ ସର୍ବବୃହତକାରୀ ଅଶୋଧିତ ତୈଳ ଆମଦାନୀକାରୀ ଦେଶ ହୋଇଥିବା ବେଳେ ଏଲଏନଜି କ୍ଷେତ୍ରରେ ତୃତୀୟ ସର୍ବବୃହତକାରୀ ଦେଶ । ଚଳିତ ବର୍ଷ ଭାରତ ପ୍ରାୟ ୪.୫ ବିଲିୟନ ଆମେରିକୀୟ ଡଲାରର ତୈଳ ଏବଂ ଗ୍ୟାସ ଆମଦାନୀ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ତୈଳ କମ୍ପାନୀ ଗୁଡିକ ଉପରେ ଆକ୍ରମଣ ଓ ଅଣ-ଜଳବାୟୁ ପରିବର୍ତ୍ତନ ସଂପ୍ରତି ତୈଳ ଏବଂ ଗ୍ୟାସର ବିକାଶ ଦିଗରେ ବିଶ୍ୱ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ତେବେ ଏହି ସମୟରେ ଭାରତ ଆଗାମୀ ଦିନରେ ଉର୍ଜା ପ୍ରମୁଖ ଭୂମିକା ଗ୍ରହଣ କରିବ । କାରଣ ଏବେ ଭାରତ ବିଶ୍ୱ ଅର୍ଥନୀତି ବ୍ୟବସ୍ଥାରେ ଦ୍ରୁତ ବୃଦ୍ଧି ପରିଲକ୍ଷିତ ହୋଇଛି । ଆମେରିକା ଓ ଚୀନ୍ ପରେ ଭାରତ ବିଶ୍ୱର ତୃତୀୟ ବୃହତ ଉର୍ଜା ବ୍ୟବହାରକାରୀ ରାଷ୍ଟ୍ର ହୋଇପାରିଛି। ଭାରତ ବିଶ୍ୱର ଷଷ୍ଠ ବୃହତ୍ ଅର୍ଥନୀତି ହୋଇଥିବା ବେଳେ ଉର୍ଜା ବ୍ୟବହାର କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିବା; ଭାରତ ଆଗାମୀ ଦିନରେ ବିଶ୍ୱ ଉର୍ଜା ବ୍ୟବହାର ନେତୃତ୍ୱ ନବା ସମ୍ଭାବନାର ପ୍ରମାଣ କରୁଛି । ସେହିପରି ଭାରତ ୨୦୪୦ ସୁଦ୍ଧା ବିଶ୍ୱର ଉର୍ଜା ଚାହିଦାକୁ ଦୁଇ ଗୁଣା କରିବାର ଲକ୍ଷ୍ୟ ରଖିଛି । ୨୦୨୦ ମଧ୍ୟଭାଗ ସୁଦ୍ଧା ଭାରତ ଉର୍ଜା ବଜାରୀକରଣରେ ଚାଇନା ଠାରୁ ଟପିବ ବୋଲି ଆକଳନ କରାଯାଇଛି । ସେହିପରି ଜୈବ ଇନ୍ଧନ କ୍ଷେତ୍ରରେ ଭାରତ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଅପରପକ୍ଷରେ ମୋଦି ସରକାର ଉର୍ଜା ନ୍ୟାୟକୁ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ସମସ୍ତଙ୍କ ପାଖରେ ସ୍ୱଚ୍ଛ ଉର୍ଜା ଇନ୍ଧନ ଉପଲବ୍ଧ କରିବାର ଯୋଜନା ସରକାରଙ୍କ ଲକ୍ଷ୍ୟ ରହିଛି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୮ କୋଟି ଗରିବ ମହିଳାଙ୍କ ଜୀବନଶୈଳିକୁ ପରିବର୍ତନ କରାଯାଇପାରିଛି । ଆଗାମୀ ଦିନରେ ଭାରତ ଦାୟିତ୍ୱସମ୍ପନ୍ନ ଭାବେ ନିଜ ରାସ୍ତାରେ ଦେଶରେ ଉପଲବ୍ଧ ଉପାଦାନରୁ ଉର୍ଜାରେ ରୂପାନ୍ତରିତ କରିବ ଯାହା ବିଶ୍ୱର ଉର୍ଜା ଜଗତକୁ ବହୁଳ ଭାବରେ ପ୍ରଭାବିତ କରିବ । ଆଗାମୀ ଦଶକ ଗୁଡିକରେ ଭାରତ ବିଶ୍ୱ ଉର୍ଜା ଚାହିଦାର କେନ୍ଦ୍ର ବିନ୍ଦୁ ହେବ ବୋଲି ସେ କହିଛନ୍ତି । ଭାରତକୁ କମ୍ କାର୍ବନ ଅର୍ଥନୀତି କରିବ

ଟି ଟାଇମ୍

ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଯିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ❖ ବିଜୟ ଦିବସ (ଭାରତ)
- ❖ ଜାତୀୟ କ୍ରୀଡା ଦିବସ (ଆଇଲ୍ୟାଣ୍ଡ)
- ❖ ତାଜ୍ ହୋଟେଲ୍ ସେବାର ଶୁଭାରମ୍ଭ (୧୯୦୩)
- ❖ ଜାତିସଂଘରେ ଯୋଗ ଦେଲା ଥାଇଲ୍ୟାଣ୍ଡ (୧୯୪୭)
- ❖ ଦିଲ୍ଲୀରେ ଏକ ଲୋମହର୍ଷଣକାରୀ ଦୁଷ୍କର୍ମ ଘଟଣା ଘଟିଥିଲା । (୨୦୧୨)
- ❖ ବ୍ରିଟେନ୍‌ଠାରୁ ବାହାରିନ୍ ସ୍ୱାଧୀନତା ଲାଭ କଲା (୧୯୭୧)
- ❖ ରାଜନେତା ଏଚ୍‌ଡି କୁମାରସ୍ୱାମୀଙ୍କ ଜନ୍ମ (୧୯୫୭)

ପୁରାଣ କାହାଣୀ

ପ୍ରତି ବର୍ଷ ଭାଙ୍ଗେ ଶିବ ଲିଙ୍ଗ

ହିମାଚଳରେ ଅନେକ ମହାଦେବ ମନ୍ଦିର ରହିଛି । ସବୁ ମନ୍ଦିରର ମହିମା ଅପାର । ସେହିପରି କୁଲୁ ଜିଲ୍ଲାରେ ଏପରି ଏକ ଶିବ ମନ୍ଦିର ରହିଛି ଯେଉଁଠି ପ୍ରତି ବାରବର୍ଷରେ ଥରେ ଶିବଲିଙ୍ଗ ଉପରେ ବିଜୁଳି ପଡ଼ି ଶିବଲିଙ୍ଗ ଖଣ୍ଡ ହୋଇଯାଇଥାଏ । ସ୍ଥାନୀୟ ପୂଜାରୀ ଶିବଲିଙ୍ଗ ଉପରେ ଲହୁଣୀ ବୋଳି ଯୋଡ଼ିଦେଇଥାଏ । ପୂଜାରୀ ଲହୁଣି ବା ଘିଅ ବୋଳି ଦେବା ପରେ ଶିବଲିଙ୍ଗଟି ଆପେ ଆପେ ପୂର୍ବାବସ୍ଥାକୁ ଫେରିଆସିଥାଏ । ଏହି ଶିବାଳୟକୁ ସ୍ଥାନୀୟବାସିନ୍ଦା ବିଜୁଳି ମହାଦେବ ମନ୍ଦିର ନାମରେ ସମ୍ବୋଧନ କରିଥାନ୍ତି । ଆଉ କେହି ବଡ଼ ଦେଉଳ ବୋଲି କହିଥାନ୍ତି । କୁଲୁ ସହରରେ ଅବସ୍ଥିତ ବ୍ୟାସ ଏବଂ ପାର୍ବତୀ ନଦୀର ସଂଗମ ସ୍ଥଳରେ ବିଜୁଳି ମହାଦେବ ମନ୍ଦିର ଅବସ୍ଥିତ । ପୌରାଣିକ କଥାନୁଯାୟୀ ଏଠାରେ ଏକ ବିଶାଳ ଅଜଗର ରହୁଥିଲା । ଜଗତ କଲ୍ୟାଣ ପାଇଁ ଭଗବାନ୍ ଶିବ ଉକ୍ତ ଅଜଗରକୁ ବଧ କଲେ । କୁଳାନ୍ତ ନାମକ ଦ୍ୱୈତ୍ୟ ଥିଲେ । ସେ ଇଚ୍ଛାଧାରୀ ହୋଇଥିବାରୁ ଯେକୌଣସି ମୁହୂର୍ତ୍ତରେ ନିଜକୁ ବଦଳାଇଦେଇଥାନ୍ତି । ଥରେ କୁଳାନ୍ତ ଅଜଗର ରୂପ ଧାରଣ କରି କୁଲୁସ୍ଥିତ ମଥାଣ ଗ୍ରାମକୁ ଆସିଥିଲା । ସେ ବ୍ୟାସ ଓ ପାର୍ବତୀ ନଦୀର ସଂଗମରେ ବାସ କରିବାକୁ ଲାଗିଲା । ସେ ଏତେ ବଡ଼ ଥିଲା ଯେ ବ୍ୟାସ ଓ ପାର୍ବତୀ ନଦୀର ଜଳସ୍ତରକୁ ବୃଦ୍ଧି କରାଇଲା ଓ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ ମଧ୍ୟ କଲା । ଇଚ୍ଛାଧାରୀ କୁଳାନ୍ତର ଏପରି କାଣ୍ଡ ଦେଖି ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ମହାଦେବଙ୍କ ଶରଣରେ ପଶିଲେ । । ଭକ୍ତଙ୍କ ସଙ୍କଟକୁ ଦୂର କରିବା ଲାଗି ଭଗବାନ୍ ଶିବ କୁଳାନ୍ତକୁ କହିଲେ ତୁମ ଲାଞ୍ଜରେ ନିଆଁ ଲାଗିଯାଇଛି । ସେ ଭୟଭୀତ ହୋଇ ଯେତେବେଳେ ନିଜ ଲାଞ୍ଜକୁ ଦେଖିଲା ସେହି ସମୟରେ ଭଗବାନ୍ ଶିବ ତ୍ରିଶୂଳରେ

ଅଜଗରକୁ ପ୍ରହାର କଲେ । କୁଳାନ୍ତର ଶରୀର ବହୁତ ବଡ଼ ଥିଲା । ତାହା ଏକ ପାହାଡ଼ ହୋଇଗଲା । ସେହି କ୍ଷଣି ଭଗବାନ୍ ଶିବ ଅଜଗରକୁ ବଧ କରିବା ପାଇଁ ଦେବରାଜ ଇନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଲେ ଯେ ବିଜୁଳି ମାରିବାଲାଗି । ଇନ୍ଦ୍ର ବିଜୁଳି ମାରିବା ଦ୍ୱାରା କୁଳାନ୍ତ ବଧ ହେଲା । ଭଗବାନ୍ ଶିବ ଇନ୍ଦ୍ରକୁ କହିଲେ ୧୨ ବର୍ଷରେ ଥରେ ଏହି ସ୍ଥାନରେ ବିଜୁଳି ମାରିବ । କୁହାଯାଏ ଯେ ଏବେ ବି ଇନ୍ଦ୍ର ବିଜୁଳି ମାରି ଉକ୍ତ ପାହାଡ଼ରେ ଅବସ୍ଥିତ ବିଜୁଳି ଦେବ ମନ୍ଦିରର ଶିବଲିଙ୍ଗକୁ ଦୁଇ ଖଣ୍ଡ କରିଦେଇଥାଏ ଓ ସ୍ଥାନୀୟ ପୂଜାରୀ ଲହୁଣି ଓ ଘିଅ ବୋଳି ଶିବଲିଙ୍ଗକୁ ଯୋଡ଼ିଥାଏ । ଆପେ ଆପେ ଶିବଲିଙ୍ଗଟି ପୂର୍ବାବସ୍ଥାକୁ ଫେରିଆସିଥାନ୍ତି । ମହାଦେବ ଖୋଦ୍ ଚାହାଁନ୍ତି ନାହିଁ କି ଲୋକମାନେ ତଥା ଭକ୍ତମାନେ ବିଜୁଳି ଆଘାତରେ ଶିକାର ହୁଅନ୍ତି । ସେଥିପାଇଁ ସେ ବିଜୁଳି ଆଘାତକୁ ନିଜ ଉପରେ ନେଇ ସହିଥାନ୍ତି । ଯଦ୍ୱାରା ଶିବଲିଙ୍ଗ ଭାଙ୍ଗିଯାଇଥାଏ । ଏହି ମହାଦେବଙ୍କ ଏକ ରଥ ରହିଛି । ରଥରେ ସ୍ୱୟଂ ମହାଦେବ ବିରାଜମାନ ହୋଇ ଦଶହରା ସମୟରେ ସମଗ୍ର କୁଲୁରେ ଦର୍ଶନ ଦେଇଥାନ୍ତି ।

ଆଜିର ଭାଗ୍ୟ

ମେଷ — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

ବୃଷ — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

ମିଥୁନ — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

କର୍କଟ — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

ସିଂହ — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

କନ୍ୟା — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

ତୁଳା — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

ବିଛା — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

ଧନୁ — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

ମକର — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

କୁମ୍ଭ — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

ମୀନ — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

୧୯୭୧ରେ ଭାରତ ପାକିସ୍ଥାନ ଯୁଦ୍ଧ ସମୟରେ ପାକିସ୍ଥାନ ଉପରେ ବିଜୟ ହାସଲ କରି ଭାରତ ସେନା ଡିସେମ୍ବର ମାସ ୧୬ ତାରିଖକୁ ବିଜୟ ଦିବସ ରୂପେ ପାଳନ କରିଆସୁଛି । ଯୁଦ୍ଧର ଶେଷ ପର୍ଯ୍ୟୟରେ ବାଙ୍ଗଲାଦେଶଠାରେ ପୂର୍ବ ପାକିସ୍ଥାନ ଓ ପାକିସ୍ଥାନ ସେନା ଏକତରଫା ଭାବେ ଓ ବିନା ସର୍ତ୍ତରେ ଆତ୍ମସମର୍ପଣ କରିଥିଲେ । ବିଜୟ ଦିବସ ଅବସରେ ଦେଶ ମାତୃଭୂମି ପାଇଁ ନିଜର ପ୍ରାଣ ତ୍ୟଶଗ କରିଥିବା ଶହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଭାରତ ଆଜିର ଦିବସ ପାଳନ କରୁଛି । ଏହି ଉତ୍ସବ ସମାରୋହ ଦେଶର ରାଜଧାନୀ ନୂଆଦିଲ୍ଲୀରେ ରହିଥିବା ଇଣ୍ଡିଆ ଗେଟ୍‌ର ଅମର ଯବାନ ଜ୍ୟୋତି ନିକଟରେ ଭାରତୀୟ ସଶସ୍ତ୍ର ସୌନ୍ୟ ବାହିନୀ, ବିଭିନ୍ନ ମନ୍ତ୍ରୀ ମହୋଦୟ ସହିତ ରାଷ୍ଟ୍ରୀୟ ସୌନ୍ୟସ୍ମାରକ ଶହିଦ୍‌ଙ୍କୁ ପ୍ରଦାନ କରାଯାଏ ।

ମୃତକଙ୍କ ସାଜସଜ୍ଜା

ଧାର୍ମିକ ରୀତି ନୀତି ଏବଂ ମାନ୍ୟତା ଅନୁସାରେ ମୃତ୍ୟୁ ପରେ ମୃତ ଶରୀରର ଅନ୍ତିମ ସଂସ୍କାର କରାଯାଏ । କିଏ ମୃତ ଦେହକୁ ପୋଡ଼ିଥାନ୍ତି ତ ଆଉ କିଏ ଶବକୁ ପୋତି ଦିଅନ୍ତି । ପୋଡ଼ି ଯାଇଥିବା ମୃତ ଦେହ ତ ଆଉ ଫେରେ ନାହିଁ କିନ୍ତୁ କବର ମଧ୍ୟରେ ଥିବା ମୃତ ଶରୀରକୁ ବାହାରକୁ ବାହାର କରିବା କଥା କେବେ ଶୁଣିଛନ୍ତି ? ସାଉଥ୍ ତୋରାଜାରେ ମୃତ ଶରୀରକୁ ସଜେଇ ମୃତ ଆତ୍ମାର ସ୍ୱାଗତ କରାଯାଇଥାଏ । ତୋରାଜା ନିବାସୀମାନେ ମୃତ ଶରୀରକୁ କବର ମଧ୍ୟରୁ ବାହାର କରି, ସେମାନଙ୍କୁ ନୂତନ ବସ୍ତ୍ର ପରିଧାନ କରାଇ, ସଜବାଜ କରାନ୍ତି । ଉକ୍ତ ଅଞ୍ଚଳ ବାସିନ୍ଦାଙ୍କ ମାନ୍ୟତା ହେଉଛି ମୃତ ବ୍ୟକ୍ତିମାନେ ଏହି ପ୍ରକ୍ରିୟା ଜରିଆରେ ପୁନର୍ବାର ନିଜ ସମ୍ପର୍କୀୟଙ୍କ ସହିତ ସାକ୍ଷାତ କରାଇଥାନ୍ତି । ଏପରି ପ୍ରକ୍ରିୟା ପ୍ରତି ୩ବର୍ଷରେ ଥରେ କରାଯାଇଥାଏ । ଏହି କ୍ରିୟାକୁ ଠିକ୍ ସେପରି ହିଁ କରାଯାଇଥାଏ । ଯେପରି ଏକ ଜୀବନ୍ତ ବ୍ୟକ୍ତି ନିଜର ପ୍ରତିଦିନ ଜୀବନରେ ନିୟମକୁ ପୂରା କରୁଛି । ଏଠାରେ ମହିଳାମାନଙ୍କର ମୃତ ଶରୀରକୁ କଣ୍ଢେଇ ରୂପେ ସଜା ଯାଇଥାଏ ଏବଂ ପରେ ଏହି ମୃତ ଶରୀର ଗୁଡ଼ିକୁ ଠିକ୍ ପୂର୍ବ ଭଳି କବର ମଧ୍ୟରେ ରଖିଦିଆଯାଇଥାଏ ।

ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ । ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଡୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

ସିଂହ ସହିତ ବନ୍ଧୁତା

ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଙ୍କା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରଓ୍ୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି

ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

ବୟଫ୍ରେଣ୍ଡଙ୍କ ସହ ଏକାଠି ରହିବେ କରିସ୍ମା



ସଂଜୟ କପୁରଙ୍କ ସହ ବିବାହ ବିଚ୍ଛେଦ ହେବା ପରେ କରିସ୍ମା କପୁର ବର୍ତ୍ତମାନ ନିଜ ପିଲାମାନଙ୍କ ସହ ବାପା ରଣଧୀର କପୁରଙ୍କ ଘରେ ରହୁଛନ୍ତି । କିନ୍ତୁ ଶୁଣିବାକୁ ମିଳିଛି କି ଖୁବ୍ ଶୀଘ୍ର ସେ ବୟଫ୍ରେଣ୍ଡ ସନ୍ଦୀପ ତୋସାନୀବାଲଙ୍କ ସହ ଲିଭ ଇନ୍ ରିଲେସନସିପ୍‌ରେ ରହିବେ । ସେମାନଙ୍କ ସାଥିରେ କରିସ୍ମାଙ୍କ ଦୁଇ ସନ୍ତାନ ମଧ୍ୟ ରହିବେ । ସନ୍ଦୀପ ମୁମ୍ବାଇର ଏକ ପ୍ରତିଷ୍ଠିତ କମ୍ପାନୀର ସିଇଓ ଅଟନ୍ତି । ସୟଙ୍କ ଠାରୁ ଦୂରେଇ ଯିବା ପରେ କରିସ୍ମା ସନ୍ଦୀପଙ୍କ ନିକଟବର୍ତ୍ତୀ ହେବାରେ ଲାଗିଥିଲେ । ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା । ତେବେ ସନ୍ଦୀପ ମଧ୍ୟ ପୂର୍ବରୁ ବିବାହ କରିଛନ୍ତି ।

ସିକ୍ୱେଲ ପ୍ରିୟ ଫରହାନ୍

ବଲିଉଡ଼ର ଜଣାଶୁଣା ଅଭିନେତା ଓ ଫିଲ୍ମ ମେକର ଫରହାନ୍ ଅଖ୍‌ତର ତାଙ୍କର ଫିଲ୍ମ 'ଜିନ୍ଦଗି ନା ମିଲେଗି ଦୋବାରା'ର ସିକ୍ୱେଲ୍ ବନାଇବାକୁ ଇଚ୍ଛା ରଖିଛନ୍ତି । ଏହି ଫିଲ୍ମ ୨୦୧୧ରେ ରିଲିଜ ହୋଇଥିଲା । ଫିଲ୍ମ ଜିନ୍ଦଗି ନା ମିଲେଗି ଦୋବାରା ଏକ ରୋଡ଼ ଟ୍ରିପ୍ ଡ୍ରାମା ଥିଲା । ଏବେ ଯଦି ଫିଲ୍ମର ସିକ୍ୱେଲ ବନାଯାଏ ତେବେ ଭଲ ହେବ ବୋଲି ଫରହାନ୍ କହିଛନ୍ତି । ଫିଲ୍ମଟି ତିନି ଜଣ ପିଲାଦିନର ସାଙ୍ଗଙ୍କ କାହାଣୀ, ଯେଉଁଥିରେ ସେମାନେ ବିବାହ ପୂର୍ବରୁ ସ୍ପେନ୍ ଟ୍ରିପ୍‌ରେ ଯାଇଛନ୍ତି ଓ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ଏହି ଫିଲ୍ମର ନିର୍ଦ୍ଦେଶନା ଫରହାନ ଅଖତରଙ୍କ ଭଉଣୀ ଜୋୟା ଅଖତର କରିଛନ୍ତି । ଫିଲ୍ମରେ ଫରହାନ୍‌ଙ୍କ ସହିତ ହ୍ରିତିକ୍ ରୋଶନ୍ ବି ଥିଲେ । ଏବେ କିନ୍ତୁ ଫରହାନ୍ ତାଙ୍କର 'ରକ୍ ଅନ୍' ଫିଲ୍ମର ସିକ୍ୱେଲ କାମରେ ବ୍ୟସ୍ତ ଅଛନ୍ତି ।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ଯାହାକୁ ନେଇ ସେଠାକାର କରିଛି । କଥା କ'ଣ ସେହି ଗଛ ପାଲଟିଛି । ସେଠାକାର ଅନେକ ପରେ ତାଙ୍କ ମୃତ ଦେହକୁ ମାଟିରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ସେମାନଙ୍କର ପିଲାମାନଙ୍କୁ ପ୍ରକୃତି । ଏହି ଖାସ୍ ପ୍ରକାରର ଗଛ ନାମକ ସ୍ଥାନରେ ଅବସ୍ଥିତ । ସେ ଗଛରେ ତାଙ୍କର ସମାଧି ବନାଇବା

ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

ଅଗଷ୍ଟ ମାସ ୪ ତାରିଖ ବିଶ୍ୱ ସଂସ୍କୃତ ଦିବସ। ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପୃତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଏହା ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ। ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା। ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି। ଏହି ଭାଷା ଏବେ ବିଲୁପ୍ତ ପ୍ରାୟ। ୨୦୧୩ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧୪,୧୩୫ ମଧ୍ୟରେ ସୀମିତ। ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାଟ୍ଟୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ। ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି। ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼। ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାଟ୍ଟୁର୍ ଗାଁକୁ। ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ। ସ୍ଥାନୀୟ ଲୋକେ ମଧ୍ୟ ଆଗ୍ରହରେ ତାହା ଗ୍ରହଣ କଲେ। ଏମିତି ଜଣେ ଅନ୍ୟକୁ ଶିଖାଇଲା। ପିଲାମାନେ ବି ଶିଖିଲେ। କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ। ମାଟ୍ଟୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ୍ୟ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି। ପୁଣି ମଧ୍ୟ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ୍ୟ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ। ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି। ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡ଼ୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି। ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ। ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ। ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ। ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍। ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନା ବିଭାଗ ଅଛି ନା କର୍ମବୃତ୍ତି। ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି। ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍। ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା। ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା। ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି। ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା। ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ। ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ। ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି। କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ। ଏହି ଦିବସ ସଂସ୍କୃତ ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ। ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା। ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି-'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ୍ୟ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନିର୍ଭର କରେ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ସହ-ପ୍ରତିରକ୍ଷକ, ଶ୍ରୀଗୁରୁ ଅନୁକୂଳାଶ୍ରମ, ବାଲେଶ୍ୱର, ଦୂରଭାଷ: ୯୪୩୭୦୫୧୯୫୭

ଅହମଦୀୟା ମୁସଲିମ ସଂଗଠନର ବିଶ୍ୱସ୍ତରୀୟ ବାର୍ଷିକ ମହାସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଅହମଦୀୟା ମୁସଲିମ ସଂଗଠନର ମୁଖ୍ୟ ପ୍ରଭାରୀ ମୌଲାନା ଫଜଲ ହକ ଖାଁ ଗତକାଲି ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି କି ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ୫୩ତମ ବିଶ୍ୱସ୍ତରୀୟ ବାର୍ଷିକ ସମ୍ମିଳନୀ ଲଣ୍ଡନର ହଦିକତୁଲ୍ ମେହେଦୀ ଠାରେ ଅଗଷ୍ଟ ୨, ୩ ଏବଂ ୪ ତାରିଖ ଶୁକ୍ର, ଶନି ଏବଂ ରବିବାର ଦିନରେ ଅନୁଷ୍ଠିତ ହେଉଅଛି। ଏହି ମହାସମ୍ମିଳନୀରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଦେଶରୁ ହଜାର ହଜାର ସଂଖ୍ୟାରେ ଅହମଦି ଶ୍ରଦ୍ଧାଳୁମାନେ ଯୋଗଦେବାର ରହିଛି। ଭାରତ ସମୟନୁସାରେ ରାତି ୮:୨୫ ମିନିଟରୁ ସଭାକାର୍ଯ୍ୟ ଆରମ୍ଭ ହେବାର ରହିଛି। ପ୍ରଥମ ଦିବସରେ ଶୁକ୍ରବାର ନମାଜ ଜୁମା ପାଠ ପରେ ଆନୁଷ୍ଠାନିକ ଭାବେ ପତକା ଉତ୍ତ୍ୱଳନ ଏବଂ ପବିତ୍ର କୋରାନ ବାଣୀ ଉଚ୍ଚାରଣ ସହ ଶୁଭାରମ୍ଭ ହେବା ସହ ଦେଶ ବିଦେଶରୁ ଆସିଥିବା ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥିଙ୍କ ଅଭିଭାଷଣ ପରେ ମହାମାନ୍ୟ-ପୁନ୍ୟଶ୍ଳୋକ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସଭାପତିତ୍ୱ ଭାଷଣ ରଖିବେ। ଦ୍ୱିତୀୟ ଦିବସ ତଥା ଅନ୍ତିମ ଦିବସରେ ହଜରତ ମିର୍ଜା ମସରୁର ଅହମଦଙ୍କର ସଭାପତିତ୍ୱ ଭାଷଣ ରହିବ। ଏତଦ୍‌ବ୍ୟତୀତ ତିନି ଦିନରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଡ଼. ଏଜାଜୁର ରହମାନ, ଫଜଲୁର ରହମାନ ନାସିର, ଇବ୍ରାହିମ ନୌନନ, ଅୟାଜ ମହମୁଦ ଖାଁ, ଡ଼. ହମାଦ ଖାଁ, ମୌଲାନା ଅତାଉଲ ମୁଜିବ ରାସିଦ, ରଫିକ ଅହମଦ ହୟାତ ଏବଂ ଅହମଦି ମହିଳା ଡ଼.ଏନ ମେରି ଆୟୋନେସକୋ, ଲୁବନା ସୁହେଲ ଏବଂ ଫରଜାନା ୟୁସୁଫ ନିଜର ମତାମତ ରଖିବେ। ତୃତୀୟ ଦିବସ ସଂଧ୍ୟା ୫:୦୦ ଘଟିକା ସମୟରେ ଦୀକ୍ଷା ମହାସମାରୋହ ଅନୁଷ୍ଠିତ ହେବାର ରହିଛି। ଏହି ମହାସମ୍ମିଳନୀରେ ଭାରତରୁ ପ୍ରାୟ ୫୦ ଜଣିଆ ଅହମଦି ଶ୍ରଦ୍ଧାଳୁଙ୍କ ଟିମ ଲଣ୍ଡନ ପହଂଚିଯାଇଛି। ଏହି କାର୍ଯ୍ୟକ୍ରମକୁ ଏମ ଟି ଏ ମୁସଲିମ ଟେଲିଭିଜନ ଅହମଦୀୟା ଟିଭି ଚ୍ୟାନେଲ, ମୋବାଇଲ ଏମ ଟି ଏ ଲାଇଭ ଆପ, ୱାଟ୍ସଅପ ଏବଂ ୟୁଟ୍ୟୁବ ମାଧ୍ୟମରେ ମଧ୍ୟ ଦେଖା ଓ ଶୁଣାଯାଇପାରିବ।

ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି (ପିଏନ୍)- କଥାରେ ଅଛି, ଆମ ପରିବେଶ ଆମ ଜୀବନ, ସୁସ୍ଥ ରହିଥାଏ ତା' ପାଇଁ ମନ। ସତରେ ମଣିଷ ସହ ପରିବେଶର ସମ୍ପର୍କ ଅତି ନିଆରା। କାରଣ ସେଇ ପରିବେଶ ମାନବକୁ ସୁନ୍ଦରତାର ଦୃଶ୍ୟ ଦେଖାଏ ତ' ଆଉ କେତେବେଳେ ପ୍ରକୃତିର ଭୀମ ରୂପ ବି ଦେଖାଏ। ପରିବେଶର ସୁଚିନ୍ତିତ ବାହକ ଏଇ ମଣିଷ। ଅତୀତରୁ ଆଜି ଯାଏଁ ପରିବେଶ ସହିତ ଗଛର ଭୂମିକା ଅତି ନିବିଡ। ବୃକ୍ଷରୋପଣ ଏକ ମହାନ କାମ ବୋଲି ପୁରାଣରେ ବି ଲେଖାହୋଇଛି। ଆଜିର ବ୍ୟସ୍ତବହୁଳ ସମାଜରେ କେହି ବି ପରିବେଶ ପାଇଁ ଚିନ୍ତା କରୁନାହାନ୍ତି। ପରିବେଶ ସୁରକ୍ଷା, ଜୀବନରକ୍ଷା ଉକ୍ତି ଆଜି ଭିତ୍ତିହୀନ ଲାଗେ। କିନ୍ତୁ ଗୋଟିଏ ଗଛ ଗୋଟିଏ ଜୀବନ ସହ ସମାନ। ଏଇ ପରିପ୍ରେକ୍ଷୀରେ ସେଂଚୁରିଆନ କୃଷି ବଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକମାନଙ୍କ ମିଳିତ ପ୍ରୟାସରେ ଆଖପାଖ ଗାଁର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଛି। ୮୦୦ଟି ଚାରା ରୋପଣର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି ଜାତୀୟ ସେବା ଯୋଜନା ବିଭାଗର ଛାତ୍ରଛାତ୍ରୀମାନେ। ସଫଳତାର ସହ ଏହାକୁ ତୁଲାଇବାରେ ଜାତୀୟ ସେବା ଯୋଜନାର ମୁଖ୍ୟ ଏନ୍ ମୋହନ ସତ୍ୟାକର, ପ୍ରାଧ୍ୟାପକ ସୌରଭ ବର୍ମନ, ରାଜେଶ ବେହେରା, ସନ୍ଦୀପ ରାଉତ ପ୍ରମୁଖ ସହଯୋଗ କରିଥିଲେ। କଲେଜର ଅଧ୍ୟକ୍ଷ ସତ୍ୟପ୍ରସାଦ ନନ୍ଦ, ଦେବେନ୍ଦ୍ର ରେଡ୍ଡି ମଧ୍ୟ ଉପସ୍ଥିତ ରହି ପୂର୍ଣ୍ଣ ସହାୟତା କରିଥିଲେ।

ଆଇଟିଆଇ ଅଂଚଳରେ ଅନ୍ଧକାରର ରାଜୁତି

ବାଲେଶ୍ୱର (ପିଏନ୍): ଗତ କିଛି ଦିନ ହେବ ବାଲେଶ୍ୱର ସହରର ମୁଖ୍ୟରାସ୍ତା ଓଟି ରୋଡ ଆଇଟିଆଇ ଅଂଚଳରେ ଅନ୍ଧକାର ରାଜୁତି କରୁଛି। ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ସନ୍ଧ୍ୟାରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ । ଆଇଟିଆଇ ଛକରୁ ପୁଲିସ ପଡିଆ ପର୍ଯ୍ୟନ୍ତ ଓ ପୁଲିସ ପଡିଆଠାରୁ ଫକୀରମୋହନ ଗୋଲେଇ ଓ ସହରର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବାର ଜଣାପଡିଛି। ଏ ବାବଦରେ ବାରମ୍ବାର ଖବର ପ୍ରକାଶ ପାଇଲେ ମଧ୍ୟ ଜିଲ୍ଲା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହେଉନାହିଁ। ଅନ୍ଧକାରର ସୁଯୋଗ ନେଇ ଲୁଟେରାମାନଙ୍କର ଉତପାତ ବୃଦ୍ଧି ପାଇବା ସାଙ୍ଗକୁ ରାସ୍ତା ଦୁର୍ଘଟଣାମାନ ବୃଦ୍ଧି ହେଉଥିବାର ଜଣାଯାଏ ।

ବାଲିଆପାଳ ନାବାଳକ ମୃତ୍ୟୁ ଘଟଣା, ପୁଲିସକୁ ମାଡମରା ଘଟଣାରେ ୧୩ ଅଟକ

ବାଲେଶ୍ୱର (ପିଏନ୍): ବାଲିଆପାଳର ଏକ ଢାବାରେ ଜଣେ ନାବାଳକର ମୃତ୍ୟୁକୁ ନେଇ ତୁମୁଳ କାଣ୍ଡ ଦେଖିବାକୁ ମିଳିଥିଲା । ନାବାଳକର ମୃତ୍ୟୁ ଏକ ଆତ୍ମହତ୍ୟା ନୁହେଁ ବରଂ ହତ୍ୟା ବୋଲି ଅଭିଯୋଗ କରି ସ୍ଥାନୀୟ ଲୋକେ ତଦନ୍ତ ପାଇଁ ଆସିଥିବା ଥାନାଧିକାରୀଙ୍କୁ ଗୋଡେଇ ଗୋଡେଇ ମାଡ ମାରିଥିଲେ । ଉକ୍ତ ମାମଲାରେ ପୁଲିସକୁ ମାଡ ମାରିଥିବା ୧୩ ଜଣଙ୍କୁ ବୁଧବାର ରାତିରେ ଅଟକ ରଖି ପଚରା ଉଚୁରା କରୁଛି ପୁଲିସ । ସୂଚନା ଅନୁଯାୟୀ ବାଲିଆପାଳରେ ଥିବା ରାଜଧାନୀ ହୋଟେଲ ଏବଂ ଢାବାରେ କାମ କରୁଥିବା ଜଣେ ନାବାଳକର ସନ୍ଦେହଜନକ ମୃତ୍ୟୁ ହୋଇଥିଲା । ଫଳରେ ଲୋକେ ଏହାକୁ ହତ୍ୟା ବୋଲି ଅଭିଯୋଗ କରି ଢାବାରେ ନିଆଁ ଲଗାଇଦେଇଥିଲେ । ଏହାସହିତ ଘଟଣାର ତଦନ୍ତ ପାଇଁ ଆସିଥିବା ଥାନାଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟଙ୍କୁ ଲୋକେ ଗୋଡେଇ ଗୋଡେଇ ମାଡ ମାରିଥିଲେ ।

ଖେଳ ଶିକ୍ଷକ ନିଲମ୍ବିତ

ବାଲେଶ୍ୱର (ପିଏନ୍): ଖଇରା ବ୍ଲକ ରଟିଣା ହାଇସ୍କୁଲର ଦୁଇଜଣ ଛାତ୍ର କେନାଲରେ ବୁଡି ମୃତ୍ୟୁବରଣ କରିବା ଘଟଣାରେ ଖେଳ ଶିକ୍ଷକ ଉମାକାନ୍ତ ସାହୁଙ୍କୁ ନିଲମ୍ବନ କରାଯାଇଛି । ଜିଲ୍ଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୧୦୫୦୭-୨୯/୦୭ ମୂଳେ ଏହି ନିଲମ୍ବନ ଆଦେଶ ଦିଆଯାଇଛି । ଶ୍ରୀ ସାହୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥାଇ କାର୍ଯ୍ୟରେ ଅବହେଳା କରୁଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି ।

ଶିରିଡ଼ି ପରି ଗାଁ ନୂଆଗାଁ...

ଅନେକ ଭକ୍ତ ଶିରିଡ଼ି ନଯାଇପାରି ଭଗବାନଙ୍କ ପ୍ରତି ଦୁଇଟୋପା ଲୁହ ବଦଳରେ ନିଜ ଦୁଃଖ ଜଣାଇଥାନ୍ତି। ଶିରିଡ଼ିରେ ମହାପ୍ରଭୁ ସାଇନାଥଙ୍କ ଦର୍ଶନ ତାଙ୍କ ଲୀଳା କୃପାପ୍ରାପ୍ତ ହେବା ଭାଗ୍ୟ ସମସ୍ତଙ୍କ ପାଖରେ ଜୁଟିନଥାଏ। ସମ୍ଭବତଃ ସେଇଥିପାଇଁ ଲୀଳାମୟ ଇଚ୍ଛାଧାରୀ ଶ୍ରୀ ସାଇ ତାଙ୍କ କୃପା ବର୍ଷା କରିବା ପାଇଁ ହଜାର ବର୍ଷର ସହର କଟକ ସନ୍ନିକଟ ନୂଆ ଗାଁରେ ତାଙ୍କ ଲୀଳାଖେଳାର ସ୍ଥଳୀ ଭାବେ ବିବେଚିତ କରି ତାଙ୍କ ଇଚ୍ଛାରେ ଗଢ଼ି ଉଠୁଛି ଏକ ସାଇ ମନ୍ଦିର। ମହାପ୍ରଭୁ ଶ୍ରୀ ଶିରିଡ଼ିସାଇନାଥ ସଗୁଣ ରୂପ ଧାରଣ କରି ଧରାପୃଷ୍ଠରେ ଅବତୀର୍ଣ୍ଣ। ସମଗ୍ର ବିଶ୍ୱରେ, ଭାରତରେ ସେହିପରି ଓଡ଼ିଶାରେ ଅନେକ ଶିରିଡ଼ି ସାଇମନ୍ଦିର ଗଢ଼ି ଉଠିଛି। ତେବେ ଅନେକ ହୁଏତ ଜାଣିନଥିବେ ଅବିକଳ ଶିରିଡ଼ି ପ୍ରତିରୂପ ସାଇମନ୍ଦିର ନିର୍ମାଣ ଚାଲିଛି। ସାଇ ନିର୍ମାଲ୍ୟ ଓ ଶିରିଡ଼ି ସାଇ ସ୍ୱଭାଣ୍ଡସ ସୋସାଇଟି ଆନୁକୂଲ୍ୟରେ କଟକ ସହର ନରାଜ ନିକଟବର୍ତ୍ତୀ ନୂଆଗାଁ ଠାରେ ବାବାଙ୍କର ଯେଉଁ ଅନୁପମ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁରହିଛି, ତାହା ଆଗାମୀ ଦିନରେ ବାବାଙ୍କ ପ୍ରିୟ ଭକ୍ତମାନଙ୍କ ପାଇଁ ସେ ଏକ ପ୍ରମୁଖ ଆକର୍ଷଣର କେନ୍ଦ୍ର ପାଲଟିବ ଏହାର ସମସ୍ତ ସଂକେତ ମିଳିସାରିଲାଣି। କାରଣ ଶିରିଡ଼ିରେ ଯେମିତି ଲୀଳାସବୁ ଘଟିଥିଲା, ଏଠାରେ ତାହାର ପୁନରାବୃତ୍ତି ଦେଖିବାକୁ ମିଳୁଛି। ବାବା ପ୍ରଥମେ ନିମ୍ବବୃକ୍ଷ ପରିବେଷ୍ଟିତ ଗୁରୁସ୍ଥାନରେ ନିବାସ କଲେ। ଏହା ମଧ୍ୟ ଦ୍ୱାରକାମାୟୀର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ମୁଖ୍ୟ ମନ୍ଦିର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶିରିଡ଼ିରେ ଯେଉଁ ଦ୍ୱାରକାମାୟୀରେ ବାବା ତାଙ୍କର ଜୀବଦ୍ଦଶାରେ ବାସ କରୁଥିଲେ, ତାହାର ଏକ ପ୍ରତ୍ୟକ୍ଷ ଧାରଣା ସ୍ଥାନୀୟ ଜନସାଧାରଣଙ୍କୁ ଦେବା ଉଦ୍ଦେଶ୍ୟରେ ଏହାର ଏକ ପ୍ରତିରୂପ ନିର୍ମାଣ କରାଯାଉଛି। କଳା ଗ୍ରାନାଇଟ ପଥର ଆଣି ତାକୁ କାଟି ଦ୍ୱାରକାମାୟୀ କାନ୍ଥ ନିର୍ମାଣ କରାଯାଇଛି, ଯେମିତି ଶିରିଡ଼ିରେ ହୋଇଥିଲା। ଆକାର ଓ ଆୟତନରେ ମଧ୍ୟ ଶିରିଡ଼ି ସହ ସାମଞ୍ଜସ୍ୟ ରକ୍ଷା କରିବା ନିମନ୍ତେ ଚେଷ୍ଟା କରାଯାଇଛି। ଦ୍ୱାରକାମାୟୀ ଭିତରକୁ ପ୍ରବେଶ କରିବା ମାତ୍ରେ ଗୁରୁଜୀ ଆନନ୍ଦରେ ବିହ୍ୱଳିତ ହୋଇଯାଇଥିଲେ। ଏହାପରେ ଉପର ସଭାମଣ୍ଡପ ନିକଟକୁ ଯାଇ ବାବାଙ୍କୁ ପ୍ରଣାମ କରି ପୂଜାର୍ଚ୍ଚନା କଲେ। ଗତବର୍ଷ ରାମନବମୀକୁ ଦ୍ୱାରକାମାୟୀ ନିର୍ମାଣ ଆରମ୍ଭ ହୋଇଥିଲା। ଆରମ୍ଭ ହେବା ସମୟରେ ମଧ୍ୟ ଗୁରୁଜୀ ପଦାର୍ପଣ କରିଥିଲେ। ଟିକିନିଖି ସବୁ ସ୍ଥାନ ଗୁଡ଼ିକ ଗୁରୁଜୀ ବୁଲି ଦେଖିଥି

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୧୯, ଅକ୍ଟୋବର ୨୨

ଯୁବସମାଜ ନିମ୍ନଗାମୀ କାହିଁକି ?

ଦିନ ଥିଲା ଆମ ଦେଶର ଅନେକ ଯୁବସଂଗ୍ରାମୀ କ୍ରାନ୍ତିକାରୀମାନେ ନିଜର ରକ୍ତ ଓ ଲୁହ ଦେଇ ଜୀବନକୁ ବାଜି ଲଗାଇ ଯୁବକ ବୟସରେ ମାଦକତା ଓ ଆନନ୍ଦକୁ ଭୁଲିଯାଇ ସ୍ୱାଧୀନ କରିଥିଲେ । ଏ ଦେଶକୁ ଯଦ୍ୱାରା କି ଆମେ ଆଜି ସ୍ୱାଧୀନ ଭାବେ ଗର୍ବ କରୁଛୁ । ଆଜିର ଶିଶୁ କାଲିର ନାଗରିକ । ବର୍ତ୍ତମାନର ଯୁବସମାଜକୁ ଦେଖିଲେ ଲାଗେନାହିଁ, ସେମାନଙ୍କର ଏଥିପ୍ରତି ତିଳେମାତ୍ର ଭୁକ୍ଷେପ ଅଛି । ଯୌବନର ପାହାଚରେ ମନର ଅଦମ୍ୟ ବାସନା ଓ ଅସୁମାରୀ ରଙ୍ଗୀନ ସ୍ୱପ୍ନ ଟାଣି ନେଇଛି । ସେମାନେ ଜାଣିପାରୁନାହାନ୍ତି ତାଙ୍କରି ଉପରେ ଥିବା ଆଗାମୀ ଦେଶର ଭବିଷ୍ୟତ ଓ ଦାୟିତ୍ୱବୋଧ । ଶିଶୁ ଜନ୍ମ ନେଲେ ଆରମ୍ଭ ହୁଏ ତା'ର ଦୀର୍ଘପଥର ଯାତ୍ରା । ଯାହାର ଅନ୍ତ ହୁଏ ମୃତ୍ୟୁରେ । ଏହି ପଥରେ ତା'ର ଜୀବନରେ ଆସେ ଅନେକ ପରିବର୍ତ୍ତନ । ଶିଶୁ ପରେ ସେ ହୁଏ କୈଶୋର, ତା'ପରେ ସେ ପହଞ୍ଚେ ଯୌବନରେ । ସେହି ସମୟ ହିଁ ଜୀବନର ସବୁଠାରୁ ମୂଲ୍ୟବାନ ସମୟ ଯାହାକୁ ନେଇ ଆରମ୍ଭ ହୁଏ ଜୀବିକାର ଉପକ୍ରମ । ଦେଶକୁ ଦେଖାଇ ଦିଏ କାର୍ଯ୍ୟଦକ୍ଷତା ଆଉ ଜନ୍ମଦାତା ପିତାମାତାଙ୍କର ମନରେ ଭରିଦିଏ ଅନେକ ରଙ୍ଗୀନ ଆଶା ଓ ଆକାଂକ୍ଷା । ଯୌବନରେ ପାଦ ଦେବା ପରେ ସେ ଯୁବକ ଅଥବା ଯୁବତୀ, ତାକୁ ବହନ କରିବାକୁ ପଡ଼ିଥାଏ ପରିବାର, ସମାଜ ଓ ଦେଶମାତୃକାର ଗୁରୁଦାୟିତ୍ୱ । କାରଣ ବ୍ୟକ୍ତିକୁ ନେଇ ପରିବାର, ପରିବାରକୁ ନେଇ ସମାଜ, ସମାଜକୁ ନେଇ ଦେଶ ଓ ଦେଶକୁ ନେଇ ବିଶ୍ୱ । ତେଣୁ ଯୁବସମାଜ ହିଁ ଆମ ଦେଶ ଓ ଜାତିର ମେରୁଦଣ୍ଡ । ଆମ ଦେଶ ସ୍ୱାଧୀନତାର ୨୫ ବର୍ଷ ପରେ ସବୁକ୍ଷେତ୍ରରେ ଉନ୍ନତି ଘଟିଛି । ମାତ୍ର ଆମର ବହୁ ପୁରାତନ ପ୍ରାଚୀନ ସଂସ୍କୃତି ଓ ମହାନ ପରମ୍ପରାର ପ୍ରାଚୀରକୁ ଭାଙ୍ଗି ଦେଶରେ ଦେଖାଦେଇଛି ପାଶ୍ଚାତ୍ୟ ସଭ୍ୟତା ଓ ନଗ୍ନ ଆଧୁନିକତା । ଅଶ୍ଳୀଳତାର ନଗ୍ନ ଛବି ଅଧିକ ମାତ୍ରାରେ ଗ୍ରାସ କରିଛି ଆମ ଦେଶର ଅନେକ ଯୁବକଯୁବତୀମାନଙ୍କୁ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରେମବିବାହ କରୁଛନ୍ତି ଅନେକେ । ଫଳରେ ସମାଜ ଶୃଙ୍ଖଳାରେ ପ୍ରତିବନ୍ଧକ ଘଟୁଛି । ନିରକ୍ଷର ଓ ସ୍ୱାକ୍ଷରତା ହାରରେ ତାରତମ୍ୟ ରହୁନାହିଁ । ସ୍ଥାନ, କାଳପାତ୍ରରେ ବାଧବାଧକତା ନାହିଁ । ଯୁବକଯୁବତୀମାନେ ହୋଟେଲ, କ୍ଲବ ରେଷ୍ଟୋରାଁରେ ଉଚ୍ଛୃଙ୍ଖଳ ନାଚ ଦେଖିବାବେଳେ ରମ୍, ବିଅର, ହ୍ୱିସ୍କି, ଚରସ, ସିଗାରେଟ, ଗଞ୍ଜେଇ ଖାଇ ମତୁଆଲା ହେଉଛନ୍ତି । ଆଜିର ଯୁବକ ଯୁବତୀମାନେ ଅନେକେ ଅତ୍ୟାଧୁନିକତା ନାମରେ ଆଗେଇ ଯାଇ ପରିତ୍ୟାଗ କରୁଛନ୍ତି ସେମାନଙ୍କର ଲଜ୍ଜା ଓ ଶାଳୀନତା । ଲଜ୍ଜା ହିଁ ନାରୀର ଶ୍ରେଷ୍ଠଭୂଷଣ । ମୁଖ୍ୟତଃ ଗୁରୁଜନ ପିତାମାତାଙ୍କ ଏହା ମୁଖ୍ୟଦାୟିତ୍ୱ । ପ୍ରତିବର୍ଷ ସରକାର ରାଜସ୍ୱ ଅଧିକ ପାଇବା ପାଇଁ ସହର ଓ ମଫସଲରେ ଦେଶୀ, ବିଦେଶୀ ମଦ ଦୋକାନ ଖୋଲିବା ଦ୍ୱାରା ସ୍କୁଲ, କଲେଜ ପାଖରେ ଥିବା ହାଟ, ପାନଦୋକାନ, ପେଟ୍ରୋଲ ଦୋକାନରେ ମଦ ବିକ୍ରୀ ହେଉଅଛି । ଯୁବକମାନେ ମଦ ପାନ କରି ମତୁଆଲା ହୋଇ ନାରୀଧର୍ଷଣ, ଲୁଣ୍ଠନ, ବ୍ୟାଙ୍କ ଡକାୟତୀ ଇତ୍ୟାଦି ଭଳି ସମାଜରେ ବହୁ ଲୋମହର୍ଷଣକାରୀ ଘଟଣା ଘଟୁଛି । ଏଥିନିମନ୍ତେ ମୁଖ୍ୟତଃ ସରକାର ଦାୟୀ । ଅନ୍ୟପକ୍ଷରେ ଏହି ହିଂସ୍ର ଆଧୁନିକତାର ମୁଖ୍ୟ କାରଣ ସାଜିଛି ଆମ ନଗ୍ନ ସିନେମା । ଦେଶର ସବୁ ଅଞ୍ଚଳରେ ବିଭୀଷିକାର ଲେଲିହାନ ଶିଖା । ଆଶ୍ଚର୍ଯ୍ୟର କଥା ଆଜିର ଶିଶୁ କିଶୋର ଏସବୁ ଦେଖି ଶିଖି ଆପେଣଇ ନେଲେଣି ଏହି ଆଧୁନିକତାକୁ । ଆଜି ମଧ୍ୟ ଆମ ଦେଶର କୋଟି କୋଟି ଜନତା ଦୁଃଖ ଦାରିଦ୍ର୍ୟତାରେ କାଳାତିପାତ କରୁଛନ୍ତି । ଖାଇବାକୁ ନପାଇ ନିଜ ଶିଶୁକୁ ବିକ୍ରି କରିଦେଉଛି । ଅନାହାର ସଂଖ୍ୟା ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଆଦିବାସୀ ଜନସଂଖ୍ୟା ବହୁଳ କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଜିଲ୍ଲାର ପିଲା ବିକ୍ରି ସଂଖ୍ୟା ବେଶୀ । ଏପରି ସ୍ଥଳେ ଆଧୁନିକତାର ଦ୍ୱାହିରେ ଦେଶର ଭବିଷ୍ୟତ ଯୁବସମାଜ ନିଜ ନିଜର ଦାୟିତ୍ୱ ଭୁଲିଯିବା କ'ଣ ଉଚିତ । ଅତ୍ୟାଧୁନିକତାର ମରୀଚିକା ପଛରେ ଧାବମାନ ହୋଇ ଅର୍ଥ ଆତ୍ମସାତ୍ କରିବା କ'ଣ ପ୍ରକୃତ ପକ୍ଷେ ସ୍ମରଣୀୟ । ଦେଶ ଆଜି ସଂକଟ ମଧ୍ୟଦେଇ ଗତି କରୁଛି । ହୁଏତ ପରାଧୀନତାର ଶୃଙ୍ଖଳାରେ ବାନ୍ଧି ହୋଇ ରହିଛି । ଆଜିର ଯୁବ ସମାଜକୁ କିଛି ବୀର ଓ ସାହସୀ ସନ୍ତାନମାନଙ୍କର ବଳିଦାନର କାହାଣୀକୁ ସଗର୍ବରେ ମୁଣ୍ଡାଇକରି ଚାଲିବା ଉଚିତ । ଯୁବସମାଜ ଶକ୍ତିର ଉତ୍ସ । ସେମାନଙ୍କୁ ହିଁ ପରିବର୍ତ୍ତନ କରିବାକୁ ପଡ଼ିବ ତଥାକଥିତ ଚଳଣିକୁ । ଆମ ପାଖରେ ଏତେବଡ଼ ଯୁବଶକ୍ତି ଥିବାବେଳେ ଆମେ କ'ଣ ଦେଶକୁ ରସାତଳଗାମୀ ହେବାରୁ ରକ୍ଷାକରି ପାରିବା ନାହିଁ । ବିଶ୍ୱର ସବୁ ଦେଶର ଲୋକ ନିଜର ଜନ୍ମମାଟିକୁ ସମ୍ମାନ ଦିଅନ୍ତି । ତେବେ ଆମେ କାହିଁକି ଆମ ଦେଶ, ଜାତିର ଉନ୍ନତିରେ ଗର୍ବ ଅନୁଭବ ନ କରିବା । ତାହା ହିଁ ହେବ ପ୍ରକୃତ ଦେଶପ୍ରେମୀ ଓ ଆମ ଜାତୀୟ ସଂହତି ସଂସ୍କୃତିର ଅସଲ ପରିଚୟ । ବର୍ତ୍ତମାନଠାରୁ ସାବଧାନ ନହେଲେ, ହୁଏତ ସମୟ ଆସିବ, ଆମେ ହରାଇ ବସିବା ଆମର ପରିଚୟ । କେବଳଗୁଡ଼ିଏ ମିଛ ପ୍ରହସନକୁ ନେଇ ବଞ୍ଚିବାକୁ ପଡ଼ିବ ଯନ୍ତ୍ରମାନବ ପରି ।

ଆଜିର ଅନୁଚିନ୍ତା

ଦୈହିକ ଓ ମାନସିକ କ୍ଷୁଧା ତ' ସର୍ବଦା ମେଣ୍ଟାଇ ଚାଲିଛ, ଆତ୍ମାର କ୍ଷୁଧା ମେଣ୍ଟାଇବ କେବେ ?

ଗୋପୀନାଥ ମହାନ୍ତି

ଓଡ଼ିଶାର ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ତଥା ଔପନ୍ୟାସିକ ଗୋପୀନାଥ ମହାନ୍ତି ୧୯୧୪ ଏପ୍ରିଲ ୨୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚନାରେ ଆଦିବାସୀ ଜୀବନଚର୍ଯ୍ୟା ଓ ସେମାନଙ୍କ ଉପରେ ଆଧୁନିକତାର ଅତ୍ୟାଚାର ସ୍ଥାନିତ ହୋଇଥିଲା । ଓଡ଼ିଆ ବ୍ୟତୀତ ଆହୁରି ଅନେକ ଭାଷାରେ ତାଙ୍କ ଲେଖାସବୁ ଅନୁଦିତ ହୋଇ ପ୍ରକାଶ ପାଇଛି । ଓଡ଼ିଆ ସାହିତ୍ୟରେ ସ୍ୱାଧୀନତା ପରେ ପରେ ଗୋପୀନାଥଙ୍କ ଲେଖାଲେଖି ଆରମ୍ଭ ହୋଇଥିଲା । ସେ ସମୟର ସାଧାରଣ ଲୋକ, ଆଦିବାସୀ ଓ ଅନ୍ୟାନ୍ୟ ଜନଜାତିଙ୍କ ଗାଉଁଲି, ସରଳ ଜୀବନଧାରଣ ଆଦି ତାଙ୍କ ରଚନାକୁ ସମୃଦ୍ଧ କରିଥିଲା । ତାଙ୍କ ଲେଖାରେ ଓଡ଼ିଆ ଚଳଣି, ସମତଳ ଓ ପାହାଡ଼ି ଜୀବନର କାହାଣୀ ତଥା ସାଧାରଣ ମଣିଷର କଥାଭାଷା ଆଦି ବ୍ୟବହାର ଦେଖିବାକୁ ମିଳେ । ସେ ଅନେକ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ନାଟକ ଏବଂ ଆତ୍ମଜୀବନୀ ଲେଖିଛନ୍ତି । ଲିଓ ଟଲଷ୍ଟୟଙ୍କ 'ୱାର୍ ଆଣ୍ଡ ପିସ୍'କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ । ଏହାଛଡ଼ା ଟାଗୋରଙ୍କ 'ଯୋଗାଯୋଗ'କୁ ମଧ୍ୟ ସେ ଅନୁବାଦ କରିଥିଲେ । ଗୋପୀନାଥଙ୍କ ପ୍ରମୁଖ ରଚନା ମଧ୍ୟରେ ମନ ଗହୀର ଚାଷ, ପରଜା, ଦାଦିବୁଢ଼ା, ଅମୃତର ସନ୍ତାନ, ଛାଇଆଲୁଅ, ଦାନାପାଣି, ଲୟ ବିଲୟ, ହରିଜନ, ଅପହଞ୍ଚ, ପାହାନ୍ତା, ଗୁପ୍ତଗଙ୍ଗା, ବୁନ୍ଦାଏ ପାଣି ଇତ୍ୟାଦି ଅନ୍ୟତମ । ମୁକ୍ତିପଥେ, ଦିନ ଦିପହରେ ତଥା ମହାପୁରୁଷ ତାଙ୍କର ତିନୋଟି ପ୍ରମୁଖ ନାଟକ ଥିଲା । ତାଙ୍କ ଲେଖାଶୈଳୀ ଏତେ ଉଚ୍ଚକୋଟୀର ଥିଲା ଯେ ଲୋକେ ଆଜି ବି ସେସବୁକୁ ଝୁରି ହେଉଛନ୍ତି । ୧୯୯୧ ମସିହା ଅଗଷ୍ଟ ୨୦ ତାରିଖରେ ଏହି କାଳଜୟୀ ପ୍ରତିଭାଙ୍କ ନିଧନ ହୋଇଥିଲା ।

ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ
ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ମୋର ଆଦିବାସୀ ମାଆମାନେ : ଜୀବନ ଜୀବିକା ପାଇଁ ସଂଘର୍ଷରତ

ଅଚ୍ୟୁତ ଦାସ

ଆଦିବାସୀମାନଙ୍କ ଭବିଷ୍ୟତ କାହା ହାତରେ ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ତାହାର ଉତର ହେଲା "ଆଦିବାସୀ ମାଆ''। ଆଦିବାସୀଙ୍କର ସାମଗ୍ରିକ ସ୍ଥିତିରେ ମୌଳିକ ପରିବର୍ତ୍ତନ ଆଣିବାକୁ ହେଲେ ସମ୍ବିଧାନ ବା ସମ୍ବିଧାନକୁ କ୍ରିୟାନ୍ୱିତ କରିବା ପାଇଁ ଅଙ୍ଗୀକାରବଦ୍ଧତା ପ୍ରଦର୍ଶନ କରୁଥିବା ସରକାରଙ୍କର ଯେତିକି ଦାୟିତ୍ୱ ରହିଛି, ତାହାଠାରୁ ଅଧିକ ଦାୟିତ୍ୱ ରହିଛି ଆଦିବାସୀ ସମାଜର, ବିଶେଷ ରୂପେ ଆଦିବାସୀ ମାଆମାନଙ୍କର । ଏହାକୁ ସ୍ୱୀକାର ନକରି ବା ମାନ୍ୟତା ନଦେଇ ଯାହାକିଛି ବିକାଶ ଯୋଜନା କରାଯିବ, ତାହା ନିଶ୍ଚିତ ବିଫଳ ହେବ ବୋଲି ଗଲା ଷାଠିଏ ବର୍ଷର ଇତିହାସ ସ୍ପଷ୍ଟ କରି ଦେଇଛି । ଆଦିବାସୀ ସମାଜରେ ତଥା ଆଦିବାସୀ ଅଂଚଳରେ ଯାହା କିଛି କଲ୍ୟାଣ ତଥା ବିକାଶ ପାଇଁ ପ୍ରୟାସ ଜାରି ରହିଛି, ତାହାର ଢ଼ାଂଚାଗତ ପରିବର୍ତ୍ତନ ଯେତେ ଶୀଘ୍ର କରାଯାଇପାରିବ, ସେତେ ଶୀଘ୍ର ଆଦିବାସୀଙ୍କ ଅସଲ ବିକାଶ ସଫଳତାର ସହ ହାସଲ କରିହେବ । ଏ ଲେଖକ ଗତ ୩୫ ବର୍ଷ ଧରି ଆଦିବାସୀ ଅଂଚଳରେ ରହି ଅତି ଗଭୀରତାର ସହ ଅଧ୍ୟୟନ କରିଛି ଓ କେତେକ କ୍ଷେତ୍ରରେ କେତେକ ପ୍ରୟୋଗ ଦ୍ୱାରା ଏହା ସାକାର ମଧ୍ୟ କରି ପାରିଛି ।

ଉତର ପୂର୍ବାଂଚଳରେ ବସବାସ କରୁଥିବା ଆଦିବାସୀମାନଙ୍କୁ ଛାଡ଼ି ଦେଲେ ପ୍ରାୟତଃ ସବୁ ସମାଜରେ ଆଦିବାସୀ ମହିଳାଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ପାଇବା ପାଇଁ ଲଢ଼େଇ କରିବାକୁ ପଡ଼ିଛି । ଅବଶ୍ୟ କେତେକ କ୍ଷେତ୍ରରେ ଆଦିବାସୀ ମହିଳା ତାହାର ସ୍ୱାଧୀନତା ବଜାୟ ରଖିଛି କିନ୍ତୁ ଜଳ, ଜମି, ଜଙ୍ଗଲ, କୃଷି ଓ ଜୀବିକା ଆଦି କ୍ଷେତ୍ରରେ ଆଦିବାସୀ ପୁରୁଷଙ୍କ ସହ ଏଯାବତ୍ ସେ ସ୍ତରରେ ପହଂଚିନାହିଁ । ଭାରତର ସବୁ ଆଦିବାସୀ ଅଧୁଷିତ ଅଂଚଳରେ ମହିଳା ମାନଙ୍କୁ ଶ୍ରମଜୀବୀ ହିସାବରେ ଧରାଯାଏ । ସେମାନେ କୃଷିକାର୍ଯ୍ୟ ସମ୍ପୂର୍ଣ୍ଣରୂପେ କରିଥାଆନ୍ତି । ବିଶେଷ କରି କଷ୍ଟସାଧ୍ୟ ପୋଡୁ ଚାଷର ସମସ୍ତ କାର୍ଯ୍ୟ ମହିଳାମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ଡଙ୍ଗର ପାହାଡ଼ ସଫା କରିବା ଠାରୁ ଆରମ୍ଭ କରି କୋଦାଳରେ ଜମି ପ୍ରସ୍ତୁତି କରିବା, ବିହନ ବୁଣିବା ଓ ପରିଶେଷରେ ଅମଳ କରି ଶସ୍ୟ ସବୁ ଘରକୁ ଆଣିବା ଆଦି କାର୍ଯ୍ୟ ମୁଖ୍ୟତଃ ମହିଳାମାନେ କରିଥାଆନ୍ତି ବିନା ଦ୍ୱିଧାରେ । ବିହନ ସାଇତି ରଖିବା, ଧାନ ମାଣ୍ଡିଆ ବୁଣିବା, ରାନ୍ଧିବା, ପାଣି ଆଣିବା ଓ ଅନ୍ୟାନ୍ୟ ସମସ୍ତ ଘର କରଣା କାମ କରିବା ପାଇଁ ମହିଳାମାନେ ନିୟୋଜିତ ହୋଇଥାଆନ୍ତି । ମହିଳାମାନେ ଏହା ସେମାନଙ୍କର ପାରମ୍ପରିକ ଦାୟିତ୍ୱ ବୋଲି ମଧ୍ୟ ମନେ କରନ୍ତି । ଝିଅଟି ଆଦିବାସୀ ଘରେ ଜନ୍ମ ହୋଲ ଏହାକୁ କାମ କରିବାକୁ ହେବ ବୋଲି ଏକ ମାନସିକତାର ସହ ସ୍ୱୀକାର କରିଥାଏ ଓ ବିନା ପ୍ରତିବାଦରେ କରିଥାଏ । ମାଆ ହେଉ କି ଝିଅ ହେଉ ଘର ଜଞ୍ଜାଳ ଭିତରେ ନିଜର ଜୀବନଟି କାଟିଥାଏ । ମହିଳା ପରିଶ୍ରମ କରି ଘରର ଆୟ ବଢ଼ାଉଥିବାରୁ, କେହି କେହି ପୁରୁଷ ସ୍ୱଚ୍ଛଳ ପରିବାରର ହୋଇଥିଲେ ଏକାଧିକ ଥର ବିବାହ କରିଥାଆନ୍ତି । ଆଦିବାସୀ ମହିଳାମାନଙ୍କର ଶ୍ରମ ଓ ଶୋଷଣ ଉପରେ ଅନେକ ଅଧ୍ୟୟନ ହୋଇଛି । ସବୁ କ୍ଷେତ୍ରରେ ସେମାନଙ୍କୁ ପାରିଶ୍ରମିକ ଓ ମଜୁରୀ ପୁରୁଷ ଠାରୁ କମ୍ ମିଳୁଛି । ଯଦିଓ ପୁରୁଷ ଓ ମହିଳାମାନେ ସର୍ବନିମ୍ନ ମଜୁରୀ ଆଇନ୍ ଦ୍ୱାରା ସମାନ କାମ ପାଇଁ ସମାନ ମଜୁରୀ ପାଇବାର ଅଧିକାର ପାଇଛନ୍ତି, ମହିଳାମାନେ ସବୁକ୍ଷେତ୍ରରେ ଅସମାନତାର ଶିକାର ହୋଇଛନ୍ତି । ଡଙ୍ଗର ଚାଷ ହେଉ କି ସଘନ ଚାଷ ହେଉ, କୃଷିଜାତ ଦ୍ରବ୍ୟର କିଣାବିକା ଓ ଦର ନିର୍ଦ୍ଧାରଣରେ ମହିଳାମାନେ ପ୍ରାୟତଃ ଅଂଶଗ୍ରହଣ କରିନଥାନ୍ତି । କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣରେ କେଉଁଠି କେଉଁଠି ମହିଳାମାନେ ପ୍ରତ୍ୟକ୍ଷଭାବେ ଭାଗ ନେଉଥିଲେ ମଧ୍ୟ, ସାମଗ୍ରିକ ବଜାରରେ ହିଁ ସେମାନେ ବାନ୍ଧି ହୋଇଥାଆନ୍ତି । ଏହିସବୁ କାରଣ ପାଇଁ ଆଦିବାସୀ ମହିଳାମାନଙ୍କର ଜୀବନଜୀବିକା ଅସୁରକ୍ଷିତ ହୋଇଯାଇଛି ।

ଜଙ୍ଗଲ ଓ ଆଦିବାସୀ ମହିଳା ଅଙ୍ଗାଙ୍ଗୀ ଭାବେ ସମ୍ପୃକ୍ତ । ଜଙ୍ଗଲକୁ ଖାଦ୍ୟ, ଜଙ୍ଗଲଜାତ ଦ୍ରବ୍ୟ, ଘାସ ଓ ଜାଳେଣି କାଠ ସଂଗ୍ରହ କରିବା କାର୍ଯ୍ୟ ତାହାର ଉପରେ ମୁଖ୍ୟତଃ ନ୍ୟସ୍ତ କରାଯାଇଥାଏ । ଏଇଥିପାଇଁ ଜଙ୍ଗଲ ସୁରକ୍ଷା ପାଇଁ ଆଦିବାସୀ ମହିଳା ସବୁବେଳେ ସଂଘର୍ଷ କରିବାକୁ ଆଗେଇ ଆସିଛି । ଆଦିବାସୀର ଜୀବନଜୀବିକା ଜଙ୍ଗଲ ପ୍ରଶ୍ନ ଜଙ୍ଗଲ ଉପରେ ସବୁବେଳେ ନିର୍ଭରଶୀଳ । ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ତାକୁ ବିକ୍ରୟ କରିବା ତାହାର ଅନ୍ୟ ଏକ ଦାୟିତ୍ୱ । ଏହି କାମରେ ମଧ୍ୟ ତାହାର

ନ୍ୟାୟ୍ୟ ପ୍ରାପ୍ୟ ପାଏ ନାହିଁ । ଜଙ୍ଗଲଜାତ ଦ୍ରବ୍ୟ ମାନଙ୍କର ପ୍ରକ୍ରିୟାକରଣ ସେମାନେ ବେଳେବେଳେ ଅଂଶଗ୍ରହଣ କରିଥାଆନ୍ତି ସତ, ମୂଲ୍ୟ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ସେମାନଙ୍କର କୌଣସି ଭୂମିକା ଦିଆଯାଏ ନାହିଁ । ଏହା ପୁରୁଷମାନେ ହିଁ କରିଥାଆନ୍ତି । ସରକାର ଯେତେବେଳେ ଲଘୁବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରନ୍ତି ମହିଳାମାନଙ୍କର ଶ୍ରମ ଓ ଅସୁବିଧାକୁ ବିଚାରକୁ ନିଅନ୍ତି ନାହିଁ । ବେଳେ ବେଳେ ସରକାର ଓ ଅଣ ଆଦିବାସୀ ମୁଖିଆମାନେ ଆଦିବାସୀ ସଂଗ୍ରହ କରୁଥିବା ଲଘୁବନଜାତ ଦ୍ରବ୍ୟଗୁଡ଼ିକର ମୂଲ୍ୟହ୍ରାସ କରିବାରେ ସିଦ୍ଧହସ୍ତ ବୋଲି ବାହାଦୁରୀ ନିଅନ୍ତି । ଜଙ୍ଗଲ, ପରିବେଶ ଓ ସେମାନଙ୍କର ସୁରକ୍ଷା ବିଷୟରେ ବିଖ୍ୟାତ ପରିବେଶବିତ୍ ଶ୍ରୀମତୀ ବନ୍ଦନା ଶିବା " ଝଷ୍ପବଜସଭଶ ଇକ୍ଷସଙ୍ଗର'' ବୋଲି ଚମତ୍‌କାର ବହିଟିଏ ଲେଖିଛନ୍ତି ଓ ପ୍ରଥମଥର ପାଇଁ ରମକ୍ଟ ଲରଙ୍ଗସଭସଷ୍ପଙ୍ଗ ଶବ୍ଦର ବ୍ୟବହାର କରିଛନ୍ତି । ଆଦିବାସୀ ମହିଳାମାନେ ଜଙ୍ଗଲରୁ ଆମ୍ବ, ପଣସ, ମହୁଲ, ତେନ୍ତୁଳି, ସିଆଳି, ହରିଡ଼ା, ବାହାଡ଼ା,ଅଁଳା ଆଦି ମିଳୁଥିବା ଅନେକ ପ୍ରକାରର ଜଙ୍ଗଲ ଜାତ ଦ୍ରବ୍ୟ ମାନଙ୍କର ସେମାନଙ୍କର ଜୀବନରେ କେଉଁଭଳି ବ୍ୟବହାର ହୁଏ ଜାଣିଥିବାରୁ, ସେ ଗଛ ସବୁ ବଂଚାଇ ରଖନ୍ତି । କିନ୍ତୁ ବ୍ରିଟିଶ ଅମଳରୁ ଜଙ୍ଗଲର ବ୍ୟବସାୟିକ ଓ ଉଦ୍ୟୋଗିକ ମୂଲ୍ୟକୁ ଗୁରୁତ୍ୱ ଦିଆଯାଇଥିବାରୁ, ବେଳେ ବେଳେ ପ୍ରାକୃତିକ ଜଙ୍ଗଲକୁ କାଟି ଶାଗୁଆନ୍, ଇୟୁକାଲିପ୍‌ଟସ୍ ଓ ଅନ୍ୟାନ୍ୟ ବଜାରଭିତିକ ବନୀକରଣ କରିବାକୁ ଜଙ୍ଗଲ ବିଭାଗ ଗୁରୁତବ ଦେଇ ଆସୁଛି । ଏହାଦ୍ୱାରା ଆଦିବାସୀ ଓ ଜଙ୍ଗଲ ବିଭାଗଙ୍କ ଭିତରେ ମନାନ୍ତର ଓ ବିପରୀତ ମନୋଭାବ ସୃଷ୍ଟି ହୋଇଛି । ଆଦିବାସୀ ବେଳେ ବେଳେ ମଧ୍ୟ ଏହି କାରଣ ଯୋଗୁଁ ଜଙ୍ଗଲ ନଷ୍ଟ କରୁଛି ବୋଲି ଅଭିଯୋଗ ହୋଇଛି । କିନ୍ତୁ ଏ ଦେଶର ସଫଳ ଜଙ୍ଗଲ ସୁରକ୍ଷା ଆଦିବାସୀ ମାଆମାନେ କରିଛନ୍ତି । ପୃଥିବୀ ବିଖ୍ୟାତ "ଚିପ୍‌କୋ'' ଆନ୍ଦୋଳନ ଏହାର ଏକ ବଳିଷ୍ଠ ଉଦାହରଣ । ଖାଲି ଜଙ୍ଗଲ ନୁହେଁ ଗ୍ରାମାଂଚଳରେ ଯେତେ ସାମୂହିକ ସମ୍ପଦ ବା ଉତ୍ଷ୍ଟଙ୍କଙ୍କଭ ରହିଛି ତାହାର ରକ୍ଷଣାବେକ୍ଷଣ ଓ ଅଭିବୃଦ୍ଧି କେବଳ ମାଆମାନଙ୍କ ଦ୍ୱାରା ସମ୍ଭବ ହୋଇଛି ବୋଲି ସାରା ପୃଥିବୀ ଜାଣିଛି । ଏହିସବୁ ସମ୍ପଦର ରକ୍ଷା ପାଇଁ ଆଦବାସୀ ମାଆମାନେ ମଧ୍ୟ ପ୍ରଚଣ୍ଡ ଲଢ଼େଇ କରିବାର ଅନେକ ଉଦାହରଣ ରହିଛି । ସାମୁହିକ ସମ୍ପଦର ସୁରକ୍ଷାକୁ ଆବଶ୍ୟକ ଗୁରୁତ୍ୱ ଦେଇ ମହିଳାମାନଙ୍କର ସ୍ୱାଧୀକାର ଓ ସ୍ୱାବଲମ୍ବନଶୀଳତାକୁ ସ୍ୱୀକାର କରିବା ଛଡ଼ା ଆଉ କିଛି ବାଟ ନାହିଁ । ଯଦି ଏହା କରାଯାଏ, ତେବେ ଆଦିବାସୀ ମାନଙ୍କର ଏବଂ ଆଦିବାସୀ ଅଂଚଳର ଅସଲ ବିକାଶ ନିଶ୍ଚିତ ସମ୍ଭବ ବୋଲି ମାନିବାକୁ ହେବ ।

ଆଦିବାସୀ ମହିଳାଙ୍କର ରାଜନୈତିକ ଅଧିକାର ଉପରେ ଦିନକୁ ଦିନ ଅଧିକ ଗୁରୁତ୍ୱ ଦିଆଯାଉଛି । ଏବେ ପଂଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଶତକଡ଼ା ୫୦ ଭାଗ ସିଟ୍ ସଂରକ

ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ

ଅତିଥିମାନଙ୍କ ଦ୍ୱାରା ମୁଖପତ୍ର ଶୈଳାଜ ଲୋକାର୍ପିତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ସୋମବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା କମିଟିର ସଭାପତି ତଥା ବିଧାୟକ ଅମର ପ୍ରସାଦ ଶତପଥି ସଭାରେ ସଭାପତିତ୍ୱ କରିଥିଲା ବେଳେ ଅଧ୍ୟାପିକା ଇନ୍ଦୁମତି ଦାସ ସଭା ସଂଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ.ହରେକୃଷ୍ଣ ଶତପଥି କଲେଜର ପରିବେଶ ଓ ପାଠପଢା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାକୁ ଦେଖି ଏହାର ଭବିଷ୍ୟତ ଉଜ୍ଜ୍ୱଳମୟ ବୋଲି କହିଥିଲେ। ଜିଲ୍ଲା ବ୍ୟତୀତ ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନରେ ଏହି ମହାବିଦ୍ୟାଳୟକୁ ପରିଣତ କରିବାକୁ ଶ୍ରୀ ଶତପଥି ସଭାରେ ଉପସ୍ଥିତ ଛାତ୍ରଛାତ୍ରୀ ଓ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ପରାମର୍ଶ ଦେଇଥିଲେ। ପରିଚାଳନା କମିଟିର ସଭାପତି ବିଧାୟକ ଶ୍ରୀ ଶତପଥି ଯାଜପୁର ଜିଲ୍ଲାର ଏହି ମହାବିଦ୍ୟାଳୟକୁ ଏକ ସୁନାମଧନ୍ୟ ବିଦ୍ୟାଳୟରେ ପରିଣତ କରିବାକୁ ଯାହା କିଛି ଆବଶ୍ୟକ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କଲେଜରେ ରହିଯାଇଥିବା ବିଭିନ୍ନ ଅସୁବିଧା ଗୁଡିକୁ ଖୁବଶୀଘ୍ର ସେ ପୂରଣ କରିବାକୁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ମାନେ ମିଳିମିଶି ବାବା ଭୈରାବାନନ୍ଦଙ୍କର ସ୍ୱପ୍ନକୁ ପୂରଣ କରିବା ପାଇଁ ଚେଷ୍ଟା କରିବା ଦରକାର ବୋଲି ବିଧାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। କଲେଜର ଅଧ୍ୟକ୍ଷ ଡ.ବିରେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ଅଧ୍ୟାପକ ପବିତ୍ର ମାହାଲା ଓ ସଂପାଦକ ଆଡଭୋକେଟ ଦେବରାଜ ବେହେରା ନିଜ ନିଜ ବକ୍ତବ୍ୟରେ କଲେଜର ଅତୀତ ବର୍ତମାନର ସ୍ଥିତି ବିଷୟରେ ଆଲୋକପାତ କରିବା ସହିତ ପୁରାତନ ଛାତ୍ର ସଂସଦ ଦ୍ୱାରା ବିଭିନ୍ନ ସମୟରେ କଲେଜରେ କରାଯାଉଥିବା ଉନ୍ନତିମୂଳକ କାର୍ଯ୍ୟ ସଂପର୍କରେ ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠା ଦିବସରେ ମହାବିଦ୍ୟାଳୟର ମୁଖପତ୍ର 'ଶୈଳାଜ'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ପ୍ରତିଷ୍ଠା ଦିବସରେ ପୂର୍ବତନ ଅଧ୍ୟକ୍ଷ ଡ.କେଦାରନାଥ ଦାସ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ବିନ୍ଦୁମିତ୍ର ବଳଙ୍କୁ ବିଧାୟକ ଓ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ ଓ ଉପଢୋକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ଅତିଥି ପରିଚୟ କରିଥିଲା ବେଳେ ଅଧ୍ୟାପକ ଅଭିମନ୍ୟୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ମହାବିଦ୍ୟାଳୟ ପରିସରରେ ଥିବା ବାବା ଭୈରବାନନ୍ଦ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାସ୍ଥଳକୁ ଆସିଥିଲେ। ପ୍ରତିଷ୍ଠା ଦିବସରେ କଲେଜର ରେଡକ୍ରସ ୟୁନିଟ ଦ୍ୱାରା ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ସମୁଦାୟ ୪୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀ ଓ ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଏହି ପ୍ରତିଷ୍ଠା ଦିବସରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସହିତ ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ନରେନ୍ଦ୍ର କୁମାର ମହାନ୍ତି ଓ ଧନେଶ୍ୱର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

୧୮ ହାତୀ ୩ ଦିନ ହେଲା ଲୋକଙ୍କୁ ଆତଙ୍କିତ କରୁଛନ୍ତି

ରାଉରକେଲା,(ପିଏନ)-ସୁନ୍ଦରଗଡ ଜିଲ୍ଲା ବଡଗାଁ ନିକଟରେ ଏକ ପାହାଡ ପାଖରେ ଗତ ୩ଦିନ ହେଲା ୧୮ଟି ହାତୀ ଦଳବଦ୍ଧ ହୋଇ ସେ ଅଂଚଳରେ ଫସଲ ନଷ୍ଟ କରିବା ସହ ରାତିହେଲେ ଲୋକ ମାନଙ୍କୁ ତାଙ୍କ ଗର୍ଜନରେ ଅତଙ୍କିତ କରିଚାଲିଛନ୍ତି ।ଘଟଣା ଟି ବଡଗାଁ ର ମାହାବୀର ପାହାଡ ପାଖରେ ଘଟିଛି । ଏହି ପାଖରେ ରହିଛି ବିରଟୋଲି ଗ୍ରାମ ।ଆଖ ପାଖରେ ପ୍ରାୟ ୧୦୦୦ଲୋକ ବସବାସ କରୁଥିବା ବେଳେ ସେମାନଙ୍କର ଅନେଲ ଚାଷ ଜମୀ ରହିଛି । ଏହି ହାତୀ ମାନେ ମିଳି ମିଶି ଆସି ଚାଷ ଜମୀରେ ହୋଇଥିବା ଧାନ ଖାଇବା ସହ ଫସଲକୁ ନଷ୍ଟ କରିଚାଲିଛନ୍ତି ।ଗୋଟାଏ ପଟେ ସ୍ୱଳ୍ପ ବର୍ଷାରେ ମରୁଡିର ଭୟ ଦେଖା ଯାଇଥିବାବେଳେ ହାତୀ ମାନଙ୍କ ଦ୍ୱାରା ଫସଲ ନଷ୍ଟ ଗ୍ରାମ ବାସୀଙ୍କ ଲାଗି ଆଉ ଏକ ସମସ୍ୟା ଠିଆ କରିଛି । ଖାଲି ଧାନ ନୁହେଁ ସେମାନେ ବର୍ଷାଦିନିଆ ପରିବା ଲଗାଇ ପ୍ରତିବର୍ଷ ବଜାରରେ ବିକ୍ରୀ କରିଥାନ୍ତି ।ସେ ସବୁକୁ ମଧ୍ୟ ହାତୀ ମାନେ ଖାଇଯାଉଥିବା ଅଭିଯୋଗ ହୋଇଛି । ରାଜଗାଙ୍ଗପୁର ସହରରୁ ୪୦କିମି ଦୁରରେ ଏହି ହାତୀ ଆତଙ୍କ ଚାଲିଥିବା ବେଳେ ଉଭୟ ରାଜଗାଙ୍ଗପୁର ଓ ବଡଗାଁରେ ଜଙ୍ଗଲ ବିଭାଗ ରହି ମଧ୍ୟ ଲୋକଙ୍କୁ ସହାୟତା ଯୋଗାଇ ପାରୁନଥିବା ଅଭିଯୋଗ ହୋଇଛି । ଲୋକେ କହିବା କଥା ସେମାନଙ୍କୁ ହାତୀ ଘଉଡାଇବା ଲାଗି ଲାଇଟ ଆଦି ଯୋଗାଇ ଦେଲେ ସେମାନେ ଅନ୍ତତ ଏଥିରୁ ସାମାନ୍ୟ ରକ୍ଷା ପାଇପାରନ୍ତେ । ବିଭାଗୀୟ ବାବୁ ମାନେ ସେଥିପ୍ରତି ଦୃଷ୍ଟି ଦେଉନଥିବା କୁହାଯାଇଛି ।ଦିନକୁ ଦିନ ହାତୀ ଆତଙ୍କ ବଢୁଥିବାବେଳେ ହାତୀମାନେ କେତେକ ଘର ମଧ୍ୟ ଭାଙ୍ଗି ସାରିଲେଣି ।

ଥାଲାସେମିଆ ରୋଗୀଙ୍କ ପାଇଁ ସହିଦ ଭଗତ ସେନା ଓ ଭଦ୍ରକ ରକ୍ତଭଣ୍ଡାର ପକ୍ଷରୁ ଜନସଚେତନତା ଶିବିର

ଭଦ୍ରକ, (ପିଏନ)- ରକ୍ତର ଆବଶ୍ୟକତା ପଡୁଥିବା ଥାଲାସେମିଆ ରୋଗରେ ପୀଡିତ ଶିଶୁମାନଙ୍କ ସହାୟତା ପାଇଁ ଭଦ୍ରକର ଅଗ୍ରଣୀ ସାମାଜିକ ସଂଗଠନ ସହୀଦ ଭଗତ ସେନା ଓ ଭଦ୍ରକ ଜିଲା ରକ୍ତଭଣ୍ଡାରର ମିଳିତ ଆୟୋଜନରେ ଏକ ଜନ ସଚେତନତା ଶିବିର ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ରକ୍ତଭଣ୍ଡାରର ରବିନ୍ଦ୍ର ଖୁଂଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଭଦ୍ରକ ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡାକ୍ତର ପ୍ରଦୀପ ଖୁଂଟିଆ, ଭଗତସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର, ପ୍ରଫେସର କମଳାକାନ୍ତ ଜେନା, ଡାକ୍ତର ଶରତ କୁମାର ଆଚାର୍ଯ୍ୟ, ସାମ୍ବାଦିକ ପ୍ରମୋଦ ରାୟ, ବାସୁଦେବପୁର ତୃପ୍ତି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ରତିକାନ୍ତ ବଳ ପ୍ରମୁଖ ଯୋଗଦେଇ ଏହି ରୋଗରେ ପୀଡିତ ଶିଶୁମାନେ କିଭଳି ସୁବିଧାରେ ଭଦ୍ରକ ରକ୍ତଭଣ୍ଡାରରୁ ରକ୍ତ ନେଇପାରିବେ, ସେ ସଂପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ଶିଶୁମାନଙ୍କ ଅଭିଭାବକମାନେ ରକ୍ତ ନେବାକୁ ଆସି ସ୍ଥାୟୀ ଗୃହଟିଏ ନଥିବାରୁ କିଭଳି ବିନା ଫ୍ୟାନ୍‌ରେ କଷ୍ଟ ପାଉଛନ୍ତି, ତାହା ଅବଗତ କରାଇ ସେ ଦିଗରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ତେବେ ଏ ଦିଗରେ ଉପସ୍ଥିତ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଖୁଂଟିଆ ସର୍ବାଗ୍ରେ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ଏହି ଶିବିର ମାଧ୍ୟମରେ ଆସିଥିବା ୬୦ ଜଣ ଥାଲାସେମିଆ ଶିଶୁଙ୍କୁ ନିୟମିତ ରକ୍ତଦାନ ପାଇଁ ସହୀଦ ଭଗତ ସେନା ପକ୍ଷରୁ ପୋଷ୍ୟ ରକ୍ତଦାତା ଭାବେ ନିଜର ଦାୟିତ୍ୱ ତୁଲାଇବେ ବୋଲି ଶପଥ ନେଇଥିଲେ।

ରେଡ଼ ରିବନ ତରଫରୁ ଆନ୍ତର୍ଜାତିକ ଯୁବ ଦିବସ ପାଳିତ

ମାଲକାନଗିରି,(ପିଏନ)- ମାଲକାନଗରି ରେଡ଼ ରିବନ କ୍ଲବ ତରଫରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟକ୍ଷ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବଂଶୀଧର ମୁଦୁଲି ସରପଂଚ କୋରକୁଣ୍ଡା ଗ୍ରାମପଂଚାୟତ ଯୋଗଦାନ କରି ମାନବ ଶୃଙ୍ଖଳ ପଦଯାତ୍ରାକୁ ପତାକା ଧରି ଉଦଘାଟନ କରିଥିଲେ । ୭୫୦ ସ୍ୱେଚ୍ଛାସେବୀ ରେଡ଼ରିବି କ୍ଲବ ଯୁବ ରେଡକ୍ରସ, ସାତଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ମାଲକାନଗିରି ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଗନ୍ଧିଆଗୁଡ଼ାରେ ରହିଥିଲା । ଅନ୍ୟ ଏକ ସଚେତନ ସଭାରେ ମୁଖ୍ୟ ଅତିଥି ରୂପେ ଡ. ରଚନେସ ରଂଜନ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଏଚଆଇଭି ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଶିକ୍ଷା ବିଭାଗର ମୁଖ୍ୟ ଗୌତମ ନାଏକ ଯୋଗଦେଇ ସଂଯମତାଦ୍ୱାରା ହିଁ ଏଚଆଇଭି ଏଡ଼ସକୁ ଦୂରେଇ ହେବ ବୋଲି ପରାମର୍ଶ ଦେଇଥିଲେ । ରେଡ଼ ରିବନ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ମୌଖିକ ସ୍ଲୋଗାନ ଅନୁଷ୍ଠିତ ହୋଇଥିଲା । କୁଇଜ ମାଷ୍ଟର ସୁଶାନ୍ତ କୁମାର ମାଝୀ ଏଚଆଇଭି ସଂଯମତା ବିଷୟରେ ପ୍ରଶ୍ନ ଉତର ପଚାରିଥିଲେ ।

ବରାଳପୋଖରୀ ଭୂମିହୀନ ପରିବାରଙ୍କ ସହ ବିଧାୟକଙ୍କ ଆଲୋଚନା

ଭଦ୍ରକ,(ପିଏନ)- ଭଦ୍ରକ ସହରର ଚରମ୍ପା ବରାଳପୋଖରୀର ୧, ୨, ୩ ଓ ୪ ନଂ ୱାର୍ଡରେ ପ୍ରାୟ ୫୦ ଜଣ ଭୂମିହୀନ ପରିବାର ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ଧରି ରହିଆସୁଥିଲେ ମଧ୍ୟ ସେମାନେ ଜମିପଟା ପାଇବାରୁ ବଂଚିତ ହୋଇଥିଲେ। ତେବେ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ଏମାନଙ୍କୁ ଜମିପଟା ଯୋଗାଇ ଦେବାନେଇ ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଏଥିରୁ ସେମାନେ ବଂଚିତ ହୋଇଆସୁଥିଲେ। ଏମାନଙ୍କ ମଧ୍ୟରୁ ବହୁ ପରିବାରଙ୍କର ଘରବାଡି ନଥାଇ ପରଘରେ ଭଡାନେଇ ରହିଆସୁଛନ୍ତି। ଆଉ କେତେକ ବ୍ୟକ୍ତି ରେଳବାଇ ଜମିରେ ପଲାମାରି ରହୁଛନ୍ତି। ଅନେକଙ୍କର ଘରବୋଲି କିଛି ନାହିଁ। ତେଣୁ ଅନେକ ସମୟରେ ଭଡାଘରର ମାଲିକ ସେମାନଙ୍କୁ ଘରୁ ମଧ୍ୟ ବାହାର କରିଦେଲେ ସେମାନେ ଏଠିସେଠି ମୁଣ୍ଡ ଗୁଂଜି ଅତ୍ୟନ୍ତ ଦୟନୀୟ ଭାବେ ନିଜ ଜୀବନକୁ ବଂଚାଇ ଥାଆନ୍ତି। ଯେଉଁମାନେ ପଲାମାରି ରହିଛନ୍ତି, ସେମାନେ ବିଦ୍ୟୁତ୍ ଓ ପାନୀୟ ଜଳ ସୁବିଧାରୁ ବଂଚିତ ହୋଇଆସୁଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ପରଘରେ ବାସନ ମାଜି ଓ କେତେକ ଶ୍ରମିକ ଓ କୁଲି ଭାବେ ଷ୍ଟେସନରେ ଜୀବିକା ନିର୍ବାହ କରିଆସୁଛନ୍ତି। ଏଣୁ ଏମାନଙ୍କ ସଂପର୍କିତ ଏକ ସମ୍ବାଦ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ଥାନୀୟ ବିଧାୟକ ସଂଜୀବ କୁମାର ମଲ୍ଲିକ ବରାଳପୋଖରୀରେ ପହଞ୍ଚି ଭୂମିହୀନ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଭଦ୍ରକରେ ରହିଥିବା ଭୂମିହୀନ ଦରିଦ୍ର ଲୋକଙ୍କୁ ସ୍ଥାୟୀ ଜମିପଟା ଯୋଗାଇ ଦେବା ନେଇ ଯୁବ ବିଧାୟକ ଶ୍ରୀ ମଲ୍ଲିକ ଚଳିତ ବିଧାନସଭାରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଣୁ ଆଜି ବିଧାୟକ ଶ୍ରୀ ମଲ୍ଲିକ ୪ଟି ୱାର୍ଡର ୫୦ ରୁ ଉର୍ଦ୍ଧ୍ୱ ଭୂମିହୀନ ପରିବାରଙ୍କୁ ଭେଟି ସେମାନେ ଜମିପଟା ପାଇବା ନେଇ ପ୍ରତିଶ୍ରୁତି ଦେବା ପରେ ବେସାହାର ଲୋକଙ୍କ ମନରେ ନୂତନ ଆଶା ଉଜ୍ଜୀବିତ ହୋଇଛି।

ବେନାମୀ ଚିଠିରେ ରାଉରକେଲା ବିଧାୟକଙ୍କୁ ଟାର୍ଗେଟ

ରାଉରକେଲା,(ପିଏନ)- ଏକ ବେନାମୀ ଚଠି ମାଧ୍ୟମରେ ଆଜି ଝିରିପାଣି ଜଗଦା ଅଂଚଳରେ ରାଉରକେଲା ବିଧାୟକଙ୍କ ଠାରୁ କୋଟିଏ ଟଙ୍କା ଦାବୀ କରାଯାଇଥିବା ବେଳେ,ଜଣେ ବ୍ୟବସାୟୀଙ୍କ ଗାଡୀର ଗୋଟିଏ ଚକାକୁ ଜାଳିଦିଆଆଇଛି । ଘଟଣା ଜଗଦା ଖାଦାନ ପାଖର । ସେଠରେ ରହୁଥିବା ବ୍ୟବସାୟୀ ଖଗେନ୍ଦ୍ର ଦାସ ଙ୍କ କାନ୍ଥରେ ଆଜି ସକାଳୁ ହାତଲେଖା ଏକ ଚିଠି ଲୋକେ ଦେଖିବା ସହ ବ୍ୟବସାୟୀ ଶ୍ରୀ ଦାସଙ୍କ ଏକ ଗାଡୀ ଚକା ପୋଡା ହେବା କଥା ଚାରିଆଡେ ବ୍ୟାପି ଯାଇଥିଲା ।ଶହ ଶହ ଲୋକ ଏହାକୁ ଦେଖି ନାନା କଥା ଆଲୋଚନା ଆରମ୍ଭ କରିଥିବାବେଳେ ,ଝିରିପାଣି ପଲିସ ଏହି ବେନାମୀ ଚିଠିକୁ ଜବଦ କରିଛି । ଏଥିରେ ଯାହା ଲେଖା ଯାଇଛି ତାହା ବ୍ୟବସାୟୀ ଶ୍ରୀ ଦାସଙ୍କ ଉଦ୍ଦେଶ୍ୟରେ ବୋଲି ଜଣା ପଡୁଛି ।କିନ୍ତ ଶ୍ରୀଦାସଙ୍କୁ କୁହାଯାଇଛି ବିଧାୟକଙ୍କ ଠାରୁ କୋଟିଏ ଟଙ୍କା ଆଣି ଝିରିପାଣିର କରୁପା ନାମକକ ହୋଟେଲରେ ଦେବାକୁ ।ଯଦି ଏହା ନହୁଏ ତେବେ ୨୪ଘଂଟା ଭିତରେ ଶ୍ରୀ ଦାସଙ୍କର ସବୁ ଗାଡୀକୁ ଜାଳି ପାଡେଁ ନଷ୍ଟ କରିଦିଆଜିବ ବୋଲି ଧମକ ଦିଆ ଯାଇଛି ।ଏହା ରାଉରକେଲା ନିର୍ବାଚନ ମଣ୍ଡଳି ହୋଇଥିବାରୁ ଲୋକେଏହାକୁ ରାଉରକେଲା ବିଧାୟକଙ୍କ କଥା ବୋଲି କହୁଛନ୍ତି । ଏ ନେଇ ପୁଲିସ ତଦନ୍ତ କରୁଥିବାବେଳେ,ବିଧାୟକ ରାଉରକେଲା ଙ୍କ ପ୍ରତିକ୍ରିଆ ମିଳିପାରି ନାହିଁ।

ଭଦ୍ରକରେ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଏବଂ ପର୍ଯ୍ୟାୟ କ୍ରମେ ପ୍ରଗତିଶୀଳ କାର୍ଯ୍ୟ ପ୍ରତି ଧ୍ୟାନ ଦିଆଯିବ

ଭଦ୍ରକ, (ପିଏନ)-ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ଗାନ୍ଧି ବିଚାର ମଞ୍ଚ ଦ୍ୱାରା ଆୟୋଜିତ ସଭାରେ ଭଦ୍ରକ ଜିଲ୍ଲାର ସମସ୍ୟା ଓ ସମାଧାନ ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା କମିଟି ଅଧ୍ୟକ୍ଷ ଶୈଳେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗାନ୍ଧି ଓଡ଼ିଶା ବାଳାଶ୍ରମର ଅନ୍ତେବାସୀମାନେ ଗାନ୍ଧୀଙ୍କ ପ୍ରିୟ ଭଜନ ଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ଏବଂ ଧାମନଗର ବିଧାୟକ ବିଷ୍ଣୁ ସେଠୀ ଯୋଗ ଦେଇଥିଲେ। ଆଲୋଚନା ସଭାରେ ଭଦ୍ରକର ଦୀର୍ଘ ଦିନର ଦାବି ଏକ ମେଡିକାଲ କଲେଜ ସାଙ୍ଗକୁ ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, ଚାନ୍ଦବାଲି ଦିଗଛିଆ ଠାରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ଆବଶ୍ୟକତା ନେଇ ଆଲୋଚକମାନେ ବକ୍ତବ୍ୟ ରଖିଥିଲେ। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହେବା ପାଇଁ ୨୦୧୨-୧୩ମସିହାରୁ ରାଜ୍ୟ ସରକାରଙ୍କ ଠାରୁ ଅନୁମତି ମିଳିଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହେବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଡାହାଣିଗଡିଆ ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତି ସ୍ଥାନରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତି ସ୍ଥାପନ ସାଙ୍ଗକୁ ଉକ୍ତ ଛକକୁ ଗୋପବନ୍ଧୁଙ୍କ ନାମରେ ନାମିତ କରିବା, ଡାହାଣିଗଡିଆରୁ ବାଇପାସ ପର୍ଯ୍ୟନ୍ତ ରାସ୍ତାକୁ ଗୋପବନ୍ଧୁ ମାର୍ଗ, ଆଧୁନିକୀକରଣ ହେଉଥିବା ଚାନ୍ଦବାଲି ବାଇପାସ୍ ଛକକୁ କାନ୍ତକବି ଗୋଲେଇ ନାମରେ ନାମିତ କରିବା ସହିତ ଉକ୍ତ ଗୋଲେଇ ସ୍ଥଳରେ କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତି ସ୍ଥାପନ କରିବା, ବାଇପାସ ଠାରୁ ମହତାବ ଛକ ପର୍ଯ୍ୟନ୍ତ ରାସ୍ତାକୁ କାନ୍ତକବି ମାର୍ଗ, ମହତାବ ଛକ ଠାରେ ମହତାବଙ୍କ ଆବକ୍ଷ ପ୍ରତିମୂର୍ତି ସ୍ଥାନରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତି ସ୍ଥାପନ କରିବା, ଗାନ୍ଧି ପଡ଼ିଆରେ ଥିବା ଗାନ୍ଧି ପ୍ରତିମୂର୍ତିର ପୁନର୍ନିର୍ମାଣ ସହିତ ଏକ ସ୍ମୃତିସଭା ଗୃହ ନିର୍ମାଣ ପାଇଁ ପୂର୍ବତନ ସାଂସଦ ପାଣ୍ଡିରୁ ଆସିଥିବା ୨୦ଲକ୍ଷ ଟଙ୍କାର ଅନୁଦାନ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହେବା ନେଇ ଆଲୋଚକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଲୋଚନାର ଉତ୍ତରରେ ବିଧାୟକ ଶ୍ରୀ ମଲ୍ଲିକ ଭଦ୍ରକରେ ଖୁବ୍ ଶୀଘ୍ର ମେଡିକାଲ କଲେଜ ସାଙ୍ଗକୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ନିଶ୍ଚିତ ବୋଲି କହିବା ସଂଗେ ସଂଗେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ସହିତ ଆଲୋଚନା ସରିଛି ବୋଲି କହିବା ସଙ୍ଗେ ସଙ୍ଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ଖୁବ୍ ଶୀଘ୍ର ସ୍ଥାନାନ୍ତର ହେବ। ଭଦ୍ରକ ଜିଲ୍ଲାକୁ ସରସ ସୁନ୍ଦର କରିବା ପାଇଁ ପର୍ଯ୍ୟାୟ କ୍ରମେ ସବୁ ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ଶ୍ରୀ ସେଠୀ ଆଲୋଚନାର ଉତର ଦେଇ ଆଗେ ମାଟି ପରେ ପାର୍ଟି ବୋଲି କହିବା ସହିତ ମାଟିର ଉନ୍ନତି ପାଇଁ ତାଙ୍କର ପୂର୍ଣ୍ଣ ସହଯୋଗ ରହିବ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ମଂଚର ଆବାହକ ସୁଧାକର ରାଉତ ଅତିଥିମାନଙ୍କୁ ମଂଚଅଆମନ୍ତ୍ରଣ କରିଥିବା ବେଳେ ରାଧାରାଣୀ ମହାପାତ୍ର ସ୍ୱାଗତ ଭାଷଣ ଏବଂ ଗୀତାରାଣୀ ଆଇଚ ଅତିଥି ପରିଚୟ ପ୍ରଦାନ କରିଥି

ମୋ ଓଡ଼ିଶା

ଛାତ ଉପରେ ସୌରଶକ୍ତି ସହଜ

ପ୍ୟାରିସ ଜଳବାୟୁ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ଗତବର୍ଷ ଡିସେମ୍ବରରେ ଗଠିତ ଆନ୍ତର୍ଜାତିକ ସୌର ମେଣ୍ଟର ପ୍ରତିଷ୍ଠା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ଏହାର ପ୍ରତିଷ୍ଠାତା ସଭ୍ୟ। ମେଣ୍ଟର ଲକ୍ଷ୍ୟ ହେଲା ସୌରଶକ୍ତି ଉତ୍ପାଦନର କାରିଗରୀ କୌଶଳ ଖର୍ଚ୍ଚ କମାଇବା, ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଅର୍ଥ ଲଗାଣର ମୂଲ୍ୟ ହ୍ରାସ ଏବଂ ଏ କ୍ଷେତ୍ରରେ ନୂଆ ଗବେଷଣା ସକାଶେ ସମ୍ବଳ ଯୋଗାଡ଼ କରିବା। ବାୟୁମଣ୍ଡଳର ଉତ୍ତପ୍ତୀକରଣ ଯୋଗୁ ନିରାପଦ ବିଶୁଦ୍ଧ ଅକ୍ଷୟ ଶକ୍ତି ଭାବେ ସୂର୍ଯ୍ୟ କିରଣରୁ ବିଦ୍ୟୁତ୍ ଉତ୍ପାଦନ ଅଧିକ ନିର୍ଭରଯୋଗ୍ୟ ବ୍ୟବସ୍ଥା ବୋଲି ବିଶ୍ୱରେ ସ୍ୱୀକାର କରାଯାଉଛି। ଭାରତ ପରି ଦେଶ କ୍ଷେତ୍ରରେ ଏହାର ଗୁରୁତ୍ୱ ବେଶୀ। ଭାରତ ନିଜ ପକ୍ଷରୁ ଆନ୍ତର୍ଜାତିକ ସୌର ମେଣ୍ଟର କାମକୁ ଆଗେଇ ନେବାକୁ ଉଦ୍ୟମ କଲାବେଳେ ନିଜେ ଏ ଦିଗରେ ରଖିଥିବା ଲକ୍ଷ୍ୟକୁ ପୂରଣ କରିବା ପାଇଁ ଗୁରୁତ୍ୱ ଦେବା ଉଚିତ। ୨୦୨୨ ସୁଦ୍ଧା ଦେଶରେ ଏକ ଲକ୍ଷ ମେଗାୱାଟ ସୌର ବିଦ୍ୟୁତ୍ ଉତ୍ପାଦନ ଲାଗି ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରୁ ୪୦ ହଜାର ମେଗାୱାଟ ଛାତ ଉପରେ ଓ ଅବଶିଷ୍ଟ ୬୦ ହଜାର ମେଗାୱାଟ ବଡ଼ ସୌର ପ୍ରକଳ୍ପ ଜରିଆରେ ଉତ୍ପାଦନ କରାଯିବ। କିନ୍ତୁ ଦେଶରେ ବଡ଼ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ଜମି ମିଳିବା କଷ୍ଟକର। କାରଣ ଶିଳ୍ପ ଲାଗି ଜମି ଅଧିଗ୍ରହଣ ସମ୍ଭବ ହେଉନାହିଁ। ଯଦିଓ ରାଜସ୍ଥାନ ମରୁଭୂମିରେ ଏପରି ବଡ଼ ପ୍ରକଳ୍ପ ପ୍ରତିଷ୍ଠା ସହଜ ତଥାପି ସମଗ୍ର ଦେଶରେ ସୌର ବିଦ୍ୟୁତ୍ ଉତ୍ପାଦନକୁ ଢ଼ାଇବାକୁ ସରକାର ଚାହାଁନ୍ତି। ଉତ୍ତର ଭାରତର କେତେକ ରାଜ୍ୟରେ କେନାଲ ଉପରେ ବଡ଼ ପ୍ରକଳ୍ପ କରିବା ପାଇଁ ଉଦ୍ୟମ ହେଉଛି। କିନ୍ତୁ ଛାତ ଉପରେ ସୋଲାର ପ୍ଲେଟ ବସାଯାଇ ସୌରଶକ୍ତି ଉତ୍ପାଦନ କରିବା ଅଧିକ ସହଜ ହେବ। ଅନେକ ଦେଶରେ ଏଥିଲାଗି ସହରାଞ୍ଚଳକୁ ଗୁରୁତ୍ୱ ଦେଇ ପ୍ରତି ସହରର ଘରଗୁଡ଼ିକର ଛାତ ଉପରେ କେତେ ସୌର ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ ତାର ଆଗୁଆ ସର୍ଭେ କରାଯାଉଛି। ନିକଟରେ କର୍ଣ୍ଣାଟକର ବେଙ୍ଗାଲୁରରେ ଆକାଶ ମାର୍ଗରୁ ଛାତ ଉପର ସୌରଶକ୍ତି ସାମର୍ଥ୍ୟ ବାହାର କରିବାକୁ ପଦକ୍ଷେପ ନିଆଯାଇଛି। ଏ ପନ୍ଥାରେ ସହରର ବିଦ୍ୟୁତ୍ ଆବଶ୍ୟକତା ଓ ଛାତ ଉପରୁ ସୌରଶକ୍ତି ଉତ୍ପାଦନ ସାମର୍ଥ୍ୟକୁ ନିର୍ଣ୍ଣୟ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ। ଅନୁରୂପ ପଦକ୍ଷେପ ଦେଶର ବଡ଼ ବଡ଼ ସହରଗୁଡ଼ିକରେ ଏପରିକି ମଧ୍ୟମ ଅବା ଛୋଟ ସହରଗୁଡ଼ିକରେ ବି କରାଯାଇପାରିବ। ସହରବାସିନ୍ଦାଙ୍କୁ ଛାତ ଉପରେ ସୌର ବିଦ୍ୟୁତ୍ ଉତ୍ପାଦନ କରିବା ଲାଗି ଉତ୍ସାହିତ କରିବା ସକାଶେ ସେମାନଙ୍କୁ ଅଧିକ ମହଲା ଘର ନିର୍ମାଣ କ୍ଷେତ୍ରରେ ରିହାତି ଦିଆଯାଇପାରିବ। ଦେଖାଯାଉଛି ଯେ ଦେଶରେ ଛାତ ଉପରେ ସୌରଶକ୍ତି ପାଇଁ ଆଗ୍ରହ ବଢୁଛି। ୨୦୧୭ର ଶେଷ ତ୍ରୈମାସିକର ହିସାବ ସମେତ ପୂର୍ବର ତଥ୍ୟରୁ ସଫଳତା ଦ୍ୱିଗୁଣିତ ହୋଇଥିବା ଦେଖାଯାଇଛି। ଅନ୍ୟପକ୍ଷରେ ବଡ଼ ପ୍ରକଳ୍ପ କ୍ଷେତ୍ରରେ ବିଳମ୍ବ ଘଟୁଥିବା ଲକ୍ଷ୍ୟ କରାଯାଉଛି। ଏ ବର୍ଷ ଆରମ୍ଭ ସୁଦ୍ଧା ଦେଶରେ ସୌର ବିଦ୍ୟୁତ୍ କ୍ଷେତ୍ରରେ ସ୍ଥାପିତ କ୍ଷମତା ୧୯ ହଜାର ୫୧୬ ମେଗାୱାଟରୁ ମାତ୍ର ୧୧ ପ୍ରତିଶତ ଛାତ ଉପର ବା ରୁଫ୍‌ଟପ୍ ସୌର ଶକ୍ତି। ଏଥିରୁ କୁହାଯାଇପାରେ ଯେ, ରୁଫଟପ ସୌର ବିଦ୍ୟୁତକୁ ଯେତିକି ଉତ୍ସାହିତ କରାଯିବା କଥା ତାହା କରାଯାଉନାହିଁ। କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଏ ଦିଗକୁ ବେଶି ଗୁରୁତ୍ୱ ଦେଇ ପ୍ରୋତ୍ସାହନକାରୀ ନୀତି ଗ୍ରହଣ କରନ୍ତୁ। ସରକାରୀ କୋଠାବାଡ଼ିଗୁଡ଼ିକ ବ୍ୟତୀତ ଘରୋଇ ଲୋକେ କିପରି ନିଜ ଛାତ ଉପରେ ସୌରଶକ୍ତି ଉତ୍ପାଦନ କରିବେ ସେଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଉ।

ଡଃ. ଅରୁନ୍ଧତୀ ଦେବୀ
ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,
ଦୂରଭାଷ : ୯୯୩୭୧୭୨୮୧୦

ମେଡ଼ିଭିଜନ ତରଫରୁ ଶ୍ରୀରାମଚନ୍ଦ୍ର ଭଞ୍ଜୀ ମେଡ଼ିକାଲ କଲେଜରେ ସେମିନାର

କଟକ (ପିଏନ୍): ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ପରିସରରେ ମେଡ଼ିଭିଜନ ତରଫରୁ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ରାଜୀବ ଗାନ୍ଧୀ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ, କର୍ଣ୍ଣାଟକର ପୂର୍ବ କୁଳପତି ଡାକ୍ତର ଏମ୍.କେ. ରମେଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏମ୍ସର ସର୍ଜରୀ ବିଭାଗ ମୁଖ୍ୟ ଡାକ୍ତର ମାନସ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପଟିଆ କଲେଜର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ ରାଉତ ଯୋଗ ଦେଇଥିଲେ। ମେଡ଼ିଭିଜନର ରାଜ୍ୟ ସଂଯୋଜକ ତଥା ଇଏନ୍‌ଟି ବିଶେଷଜ୍ଞ ସ୍ତମ୍ଭକାର ଡାକ୍ତର ନୀଳମାଧବ ପୃଷ୍ଟି ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। ଏହି ସେମିନାରର ପ୍ରଥମ ସଭାରେ ଡାକ୍ତରଙ୍କ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଏଥିରେ ବକ୍ତା ଭାବେ ପଶ୍ଚିମବଙ୍ଗର ମେଡ଼ିଭିଜନ ସଂଯୋଜକ ଡାକ୍ତର ଇନ୍ଦ୍ରାନିଲ୍ ଖାନ ଓ ଆପୋଲୋ ଭୁବନେଶ୍ୱରର ପ୍ରବନ୍ଧକ ଫିରୋଜ ଆଲମ୍ ଯୋଗ ଦେଇଥିଲେ। ଦ୍ୱିତୀୟ ସଭାରେ ଏନ୍.ଏମ୍.ସି. ବିଲ ଉପରେ ଆଲୋଚନା ହୋଇଥିଲା। ଡାକ୍ତର ଏମ୍.କେ. ରମେଶ ଏ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସେମିନାରରେ ରାଜ୍ୟର ବିଭିନ୍ନ ମେଡ଼ିକାଲ କଲେଜରୁ ପ୍ରାୟ ଦୁଇଶହ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଡାକ୍ତର ନଗେନ୍ଦ୍ର କୁମାର ରାଜାସାମନ୍ତ, ଡାକ୍ତର ଜ୍ୟୋତିର୍ମୟ ନାୟକ, ଡାକ୍ତର ଦେବଦର୍ଶୀ ସାହୁ, ଡାକ୍ତର ଆଶିଷ ମିଶ୍ର, ଡାକ୍ତର ଆଲୋକ ସାହୁ, ଦିପକ ସାମଲ, ଦେବକିନନ୍ଦନ ସେନାପତି ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର, ଚିରଞ୍ଜିବ ନାୟକ, ସୋନାଲି ବେହେରା, ବୁଦ୍ଧଦେବ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସୂଚନା ଅଧିକାର (ସଂଶୋଧନ ବିଲ୍)-୨୦୧୯ ପ୍ରତ୍ୟାହାର ଦାବିରେ 'ଓସା'ର ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍): ସମଗ୍ର ଦେଶରେ କୌଣସି ବିତର୍କ ନ କରାଇ ଅତ୍ୟନ୍ତ ମନୋମୁଖୀ ଭାବେ କେନ୍ଦ୍ର ସରକାର ସଂସଦର ଉଭୟ ସଦନରେ ଯେପରି ଭାବେ ସୂଚନା ଅଧିକାର (ସଂଶୋଧନ) ବିଲ୍‌କୁ ପାସ୍ କରାଇନେଲେ, ଏହାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ ବିରୋଧ କରାଯିବା ସହ ଏହାର ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ଏହାସହିତ ଏହି ସଂଶୋଧନ ବିଲ୍‌କୁ ସ୍ୱୀକୃତି ନ ଦେବା ପାଇଁ ଏବଂ ପୁନଃ ବିଚାର ପାଇଁ ସଂସଦକୁ ଫେରାଇଦେବା ପାଇଁ 'ଓସା' ତରଫରୁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ଏହି ସଂଶୋଧନ ବିଲରେ କେନ୍ଦ୍ରୀୟ ସୂଚନା କମିଶନ ଏବଂ ରାଜ୍ୟ ସୂଚନା କମିଶନମାନଙ୍କ ଦରମା, ଭତ୍ତା, ଚାକିରୀ ସର୍ତ୍ତାବଳୀ, ନିଯୁକ୍ତି ସମୟସୀମା ଇତ୍ୟାଦି କେନ୍ଦ୍ର ସରକାର ସରକାରୀ ବିଜ୍ଞପ୍ତି ଜରିଆରେ ସ୍ଥିର କରିବେ ବୋଲି ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ଆଇନ୍‌ରେ ବ୍ୟବସ୍ଥା ଅଛି ଯେ, କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନରଙ୍କ ନିଯୁକ୍ତି ସମୟସୀମା ପାଂଚବର୍ଷ ଏବଂ ମୁଖ୍ୟ ନିର୍ବାଚନ କମିଶନରଙ୍କର ଯଥା ସୁପ୍ରିମକୋର୍ଟ ବିଚାରପତିଙ୍କ ଦରମା, ଭତ୍ତା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇବା ପାଇଁ କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନର ହକ୍‌ଦାର। ସେହିପରି କେନ୍ଦ୍ରୀୟ ସୂଚନା କମିଶନର ଏବଂ ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ନିଯୁକ୍ତି ପାଂଚବର୍ଷ ଏବଂ ଏମାନଙ୍କର ଦରମା, ଭତ୍ତା, ନିର୍ବାଚନ କମିଶନର ବା ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ଦରମା, ଭତ୍ତା ସହିତ ସମାନ। ଏହାସହିତ ସୂଚନା ଆଇନ୍‌ର ୧୨(୪) ଏବଂ ୧୪(୪) ଅନୁଯାୟୀ କେନ୍ଦ୍ରୀୟ ସୂଚନା କମିଶନ ବା ରାଜ୍ୟ ସୂଚନା କମିଶନ କୌଣସି କର୍ତ୍ତୃପକ୍ଷଙ୍କ ପ୍ରଭାବର ବଶବର୍ତ୍ତୀ ନହୋଇ ସ୍ୱାଧୀନଭାବେ କାମ କରିବେ। ଅର୍ଥାତ୍ କମିଶନଙ୍କ ଦୈନନ୍ଦିନ କାର୍ଯ୍ୟରେ ସରକାରୀ ହସ୍ତକ୍ଷେପ ରହିବ ନାହିଁ। କିନ୍ତୁ କେନ୍ଦ୍ର ସରକାର ଯେଉଁ ସଂଶୋଧନ ବିଲ୍ ଆଣିଛନ୍ତି, ଏହାଦ୍ୱାରା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସୂଚନା କମିଶନ କେନ୍ଦ୍ର ସରକାରଙ୍କ ଅଧୀନରେ ରହି କାମ କରିବେ। କେନ୍ଦ୍ର ସରକାର ତାଙ୍କର ମନମୁତାବକ କମିଶନମାନଙ୍କର ଚାକିରୀ ସର୍ତ୍ତାବଳୀ, ଦରମା ଭତ୍ତା ସମୟକୁ ସମୟ ନିର୍ଦ୍ଧାରଣ କରିବେ। ଏହାଦ୍ୱାରା କମିଶନଙ୍କ ସ୍ୱତନ୍ତ୍ରତା ଏବଂ ସ୍ୱାଧୀନତା କ୍ଷୁର୍ଣ୍ଣ ହେବ। ସୂଚନା ପ୍ରଦାନ କ୍ଷେତ୍ରରେ ସୂଚନା କମିଶନ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ ନାହିଁ। ଏହାସହିତ ସୂଚନା ଅଧିକାର ସଂଶୋଧନ ବିଲ୍‌କୁ ରାଜ୍ୟସଭାରେ ବିଜେଡ଼ି ଦଳର ସମର୍ଥନକୁ ନାପସନ୍ଦ କରାଯାଇଛି। ରାଜ୍ୟରେ ଦୀର୍ଘ ୧୨ ବର୍ଷ ଧରି ନବୀନ ସରକାର ଯେପରି ସୂଚନା ଆଇନ୍‌କୁ ଅକାମୀ କରି ରଖିଛନ୍ତି, ସେହିପରି ସମଗ୍ର ଦେଶରେ ସୂଚନା ଆଇନ୍‌କୁ ଅକାମୀ କରିବା ପାଇଁ ମୋଦିଙ୍କ ସହିତ ହାତ ମିଳାଇଛନ୍ତି ବୋଲି 'ଓସା' ତରଫରୁ ଅଭିଯୋଗ କରାଯାଇଛି। ନବୀନ ପଟ୍ଟନାୟକ ସରକାର ଯେହେତୁ ବହୁ ଦୁର୍ନୀତିରେ ସମ୍ପୃକ୍ତ ଏବଂ ଖଣି ଦୁର୍ନୀତି ଓ ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତର କଳାବାଦଲ ଘେରି ରହିଛି, ସେଥିପାଇଁ ବିଜେପି ସରକାରଙ୍କୁ ଖୁସି କରାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହା ଅନ୍ୟ ଏକ ପଦକ୍ଷେପ ବୋଲି ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି। ତେଣୁ ଏହି ସଂଶୋଧନ ବିଲ୍‌କୁ ସ୍ୱୀକୃତି ନ ଦେବା ପାଇଁ ଅଭିଯାନ ତରଫରୁ ରାଷ୍ଟ୍ରପତିଙ୍କୁ ନିବେଦନ କରିବା ପାଇଁ ରାଜ୍ୟରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଅଗଷ୍ଟ ୧ରୁ ୭ ତାରିଖ ସପ୍ତାହବ୍ୟାପୀ ବିଭିନ୍ନ ଜିଲ୍ଲାରେ ପଥପ୍ରାନ୍ତ ସଭା, ସେମିନାର, ପ୍ରତିବାଦ ବିକ୍ଷୋଭ, ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଦସ୍ତଖତ ଅଭିଯାନ ଇତ୍ୟାଦି ଆୟୋଜନ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସମସ୍ତ ସଚେତନ ନାଗରିକ, ବୁଦ୍ଧିଜୀବୀ, ମାନବାଧିକାର କର୍ମୀ ଏବଂ ସୂଚନାଧିକାର କର୍ମୀମାନଙ୍କୁ ନିବେଦନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇନ୍‌ଜୀବୀ ସୁଧିର ମହାନ୍ତି, ଶ୍ରୀମତୀ ସଂଯୁକ୍ତା ପାଣିଗ୍ରାହୀ, ଶ୍ରୀକାନ୍ତ ପାକଳ, ରଞ୍ଜୁଲତା ମହାପାତ୍ର, ସନ୍ତୋଷ କୁମାର କୁଣ୍ଡୁ, ଅବଳ ହାତୀ, ଜିତେନ୍ଦ୍ର ସାହୁ, ପ୍ରଫେସର୍ ଯନ୍ତ୍ରଣା ପରିକ୍ଷୀତ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରେଷ୍ଠ ମେଦବହୁଳତା ଡାକ୍ତର ସମ୍ମାନିତ

ଭୁବନେଶ୍ୱର (ପିଏନ୍): ଟାଇମ୍ସ ଗ୍ରୁପ୍ ଓ ଟାଇମ୍ ଅଫ ଇଣ୍ଡିଆ ତରଫରୁ ପ୍ରତିବର୍ଷ ଭଳି ୨୦୧୮-୧୯ ବର୍ଷ ପାଇଁ ଶ୍ରେଷ୍ଠ ଡ଼ାକ୍ତରମାନଙ୍କୁ ସମ୍ମାନିତ କରାଯାଇଅଛି। ଅତ୍ୟାଧୁନିକ ଯୁଗରେ ମେଦବହୁଳତାର ସଫଳ ଚିକିତ୍ସା ଏକ ବିରାଟ ସମସ୍ୟା ରୂପେ ଦେଖାଦେଇଛି।

ଖାରବେଳ ନଗରସ୍ଥିତ ରାମମନ୍ଦିର ନିକଟରେ ଥିବା ଚାର୍ମସ୍ ବିଗତ ଚାରିବର୍ଷ ହେଲା ମେଦବହୁଳତାର ସଫଳ ସମାଧାନ କରିପାରୁଛି ବିନା ଔଷଧ ଓ ସର୍ଜରୀରେ। ଏଠାକାର ଅଭିଜ୍ଞ ଡ଼ାକ୍ତର ଏବଂ ଡାଏଟିସିଆନମାନେ ରୋଗୀମାନଙ୍କୁ ସଫଳତାର ସହ ଏକ ସୁସ୍ଥ ଜୀବନଶୈଳୀ ଏବଂ ନିରାପଦ ଜୀବନଯାପନର ଉପାୟ ବତାଇ ପାରୁଛନ୍ତି।

ମେଦବହୁଳତା ନିରାକରଣ ପାଇଁ ସଫଳ ଗବେଷଣା କରିଥିବାରୁ ଡ଼ାକ୍ତର ନଳିନୀକାନ୍ତ ମିଶ୍ରଙ୍କୁ ଟାଇମ୍ସ ଅଫ ଇଣ୍ଡିଆ ତରଫରୁ ସମ୍ମାନିତ କରାଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏବଂ ବଲିଉଡ଼ ଅଭିନେତା ସୋନୁ ସୁଦ ଯୋଗଦେଇ ବହୁ ପ୍ରତିଷ୍ଠିତ ଡ଼ାକ୍ତରମାନଙ୍କୁ ସମ୍ମାନିତ କରିଛନ୍ତି। ସମ୍ମାନିତ ପରେ ଚାର୍ମସ୍‌ର ନିର୍ଦ୍ଦେଶକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ ଚାର୍ମରେ ଜାପାନ, ଫ୍ରାନ୍ସ ଏବଂ କୋରିଆରେ ପ୍ରସ୍ତୁତ ବିଭିନ୍ନ ଚିକିତ୍ସା ପ୍ରଣାଳୀ ଏବଂ ଅତ୍ୟାଧୁନିକ ଉପକରଣ ଦ୍ୱାରା ମେଦବହୁଳତାର ସମାଧାନ ସହିତ ଶରୀରେ ସମସ୍ତ ଅଂଶରୁ ସଫଳତାର ସହ ଚର୍ବିକୁ ବିନା ସର୍ଜରୀରେ ଓ ବିନା ଔଷଧରେ ହଟାଇ ଦିଆଯାଇପାରୁଛି।

ବିଦ୍ୟୁତ୍ ବିଭାଗର ଭାଙ୍ଗୁନାହିଁ କୁମ୍ଭକର୍ଣ୍ଣ ନିଦ୍ରା

ଭୁବନେଶ୍ୱର (ପିଏନ୍): କେଉଁଠି ବିଦ୍ୟୁତ୍ ଖୁଣ୍ଟ ଧନୁଭଳି ରାସ୍ତା ଉପରକୁ ଢଳି ରହିଛି ତ' କେଉଁଠି ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ୍ ଖୁଣ୍ଟ ଝୁଲି ରହିଛି। କେଉଁଠି ଖୁଣ୍ଟ ଗୁଡ଼ିକ କଳଙ୍କି ଲାଗି ଖତରା ହୋଇଗଲାଣି। ଆଉ କେଉଁଠି ଟ୍ରାନ୍ସଫର୍ମର ପାଚେରୀ ଭୁଷୁଡ଼ି ଯାଇଛି। ଆହୁରି ମଧ୍ୟ ଅନେକ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ଅନେକ ସ୍ଥାନରେ ଟ୍ରାନ୍ସଫର୍ମର ଭିତରେ ଓ ବିଦ୍ୟୁତ୍ ଖୁଣ୍ଟି ତାର ଉପରେ ଗଛଲତା ମାଡ଼ିଗଲାଣି। ଭୂମିକୁ କରେଣ୍ଟ ଛୁଇଁଲାଣି, ଯାହା ଜୀବଜନ୍ତୁ ଓ ଖାଲି ପାଦରେ ଯାଉଥିବା ଲୋକ ପାଇଁ ବିପଦର କାରଣ। ଏ ହେଉଛି ଆମ ସ୍ମାର୍ଟସିଟି ଭୁବନେଶ୍ୱରର ବିଦ୍ୟୁତ ଖୁଣ୍ଟିର ବାସ୍ତବ ଚିତ୍ର। ମହାବାତ୍ୟା 'ଫନି'କୁ ଅଢେଇମାସ ବିତିଯାଇଥିଲେ ମଧ୍ୟ ରାଜଧାନୀର ବିପଦଶଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟିଗୁଡ଼ିକ ଏପର୍ଯ୍ୟନ୍ତ ସିଧା ହୋଇପାରିନାହିଁ। ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ସତେ ଯେମିତି ବିଦ୍ୟୁତ୍ ବିଭାଗ ନୀରବଦ୍ରଷ୍ଟା ସାଜିଛି। ପୁରା ରାଜଧାନୀରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। 'ଫନି' ପରେ ବିଭାଗ ପକ୍ଷରୁ ଯାହି ତାହି ଭାବେ ବିଦ୍ୟୁତ୍ ସଂଯୋଗ ଯୋଡ଼ି ଦିଆଗଲା। ବିଭାଗ ମଧ୍ୟ ଝାଡ଼ିଝୁଡି ହୋଇ ବସିପଡ଼ିଲା। ଲଗାଣ ଲଘୁଚାପ ବର୍ଷାରେ କେତେବେଳେ ଯେ ମାଟିଧସି ଖୁଣ୍ଟି ଉପୁଡିବ କହିବା ମୁସ୍କିଲ୍। ଯଦି ଏହି ପ୍ରସଙ୍ଗରେ ଆମେ ରାଜଧାନୀ ଭୁବନେଶ୍ୱରର ପଳାସପଲ୍ଲୀରୁ ଶିଶୁଭବନ ଛକ ଆଡକୁ ଯିବା ବାମ ଓ ଡାହାଣ ପଟ ମିଶାଇ ୭-୮ ଖୁଣ୍ଟି ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। ଶିଶୁଭବନ ଛକରେ ରହିଥିବା ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ୍ ଖୁଣ୍ଟର ଅବସ୍ଥା ନ କହିବା ଭଲ। ପୋଖରୀପୁଟର କୋକିଳା ଗାର୍ଡେନ୍ ଯିବା ରାସ୍ତାରେ ବି ସମାନ ଅବସ୍ଥା। ଏତଦ୍ ସହ ପୋଖରୀପୁଟ ଅଞ୍ଚଳରେ ଟ୍ରାନ୍ସଫର୍ମର ଓ ଖୁଣ୍ଟି ଉପରେ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ସରବରାହ କରୁଥିବା ତାରକୁ ଗଛଲତା ଛୁଇଁଲାଣି । ଏହା ବିପଦକୁ ନିମନ୍ତ୍ରଣ କରୁନାହିଁ ତ' ଆଉ କ'ଣ ହୋଇପାରେ? ଖୁଣ୍ଟି କ'ଣ ଉପୁଡିଲେ ଧନଜୀବନ ହାନି ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଚେତିବେ! ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟି ଗୁଡ଼ିକୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମାଜିକ କର୍ମୀ ସୁଶାନ୍ତ ସାହୁ ଏକ ପ୍ରେସ୍ ବିବୃତିରେ ଦାବି କରିଛନ୍ତି।

ଚିତାଲାଗି ଅମାବାସ୍ୟା ଓ ଗେଣ୍ଡା ପୂଜାର ପରମ୍ପରା

ଉତ୍କଳୀୟ ପର୍ବପର୍ବାଣୀ ମଧ୍ୟରେ ଚିତାଲାଗି ଅମାବାସ୍ୟାର ବିଶେଷ ଗୁରୁତ୍ୱ ରହିଛି। ଏହା ଶ୍ରାବଣ ଅମାବାସ୍ୟା ନାମରେ ଖ୍ୟାତ। ସ୍କନ୍ଦ ପୁରାଣ ଓ ପଦ୍ମ ପୁରାଣରେ ଏହାର ଉଲ୍ଲେଖ ଥିବା ଜଣାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୧୨ଟି ପ୍ରଧାନ ଯାତ୍ରାକୁ ବାଦଦେଲେ ପ୍ରତ୍ୟେକ ମାସରେ ଅନେକ ଉପଯାତ୍ରା ରହିଛି। ସେହି ଉପଯାତ୍ରାଗୁଡ଼ିକ ମଧ୍ୟରେ ଶ୍ରାବଣ ମାସର ଅମାବାସ୍ୟାରେ ଅନୁଷ୍ଠିତ ଚିତାଲାଗି ଅମାବାସ୍ୟା ଅନ୍ୟତମ। ଏହି ଦିନ ମହାପ୍ରଭୁଙ୍କ ଲଲାଟରେ ଚିତା ଅର୍ପଣ କରିବା ବିଧେୟ। ସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମସ୍ତକରେ ଯେଉଁ ଚିତାଲାଗି କରାଯାଇଥାଏ, ସେଗୁଡ଼ିକୁ ପୁଣି ଶ୍ରାବଣ ମାସ

ମୋ ସହର

ଗଜଲକ୍ଷ୍ମୀ ଭଷାଣୀ ଶୋଭାଯାତ୍ରା ଆରମ୍ଭ

ଡିଜେ ସାଉଣ୍ଡରେ ଥରୁଛି ସହର

କେନ୍ଦ୍ରାପଡା (ପିଏନ)- କେନ୍ଦ୍ରାପଡାର ଗଣପର୍ବ ଗଜ ଲକ୍ଷ୍ମୀ ପୂଜା ଶାନ୍ତିଶୃଙ୍ଖଳାର ସହିତ ଶେଷ କରିବାକୁ ପ୍ରଶାସନିକ ସ୍ତରରେ ପୂର୍ବରୁ ବାରମ୍ବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଡିଜେ ସାଉଣ୍ଡକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଗତ ସେପ୍ଟେମ୍ବର ୨୧ ତାରିଖ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା ନିର୍ଦ୍ଦେଶ ଦେବା ସହିତ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ମଧ୍ୟ ନିଆଯାଇଥିଲା । କିନ୍ତୁ ପ୍ରଶାସନର ସେହି ନିଷ୍ପତ୍ତିକୁ ପୂଜା କମିଟି ଗୁଡିକ ନମାନି ଡିଜେ ସାଉଣ୍ଡ ବନ୍ଦ କୁ ପୂଜା କମିଟି ଫୁରେ ଉଡାଇ ଦେଇଥିବା ଘଟଣା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି । ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ଡିଜେ ସାଉଣ୍ଡ ବନ୍ଦ କରିବା ସହିତ କୌଣସି ବ୍ୟାଣ୍ଡ ପାର୍ଟିରେ ୬ ଟି ରୁ ଅଧିକ ସାଉଣ୍ଡ ବକ୍ସ ନ ଲଗାଇବା ସହିତ ୬୫ ଡେସିବିଲରୁ ଅଧିକ ସାଉଣ୍ଡରେ ମାଇକ ନବଜାଇବାକୁ ପ୍ରଶାସନ ପକ୍ଷରୁ ରୋକ ଲାଗିଥିଲା । କିନ୍ତୁ ପ୍ରତ୍ୟେକ ମେଢ଼ ଭଷାଣୀ ଶୋଭାଯାତ୍ରାରେ ୧୮ ରୁ ୨୫ଟି କରି ବକ୍ସ ଲଗାଯିବା ସହିତ ୬୫ ଡେସିବିଲରୁ ଅଧିକ ଜୋରରେ ଡିଜେ ସାଉଣ୍ଡ ଲଗାଇ ଶୋଭାଯାତ୍ରାର ଆୟୋଜନ କରାଯାଇଛି । ଡିଜେ ସାଉଣ୍ଡର ପ୍ରକୋପରେ ହୃଦ ରୋଗୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ଅତିଷ୍ଠ ହେବା ସହିତ ଡିଜେର ପ୍ରଭାବରେ ସହର ଥରି ଉଠୁଛି । ତେଣୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ପରେ ମଧ୍ୟ ଡିଜେ ସାଉଣ୍ଡର ବହୁଳ ବ୍ୟବହାର କରାଯାଇ ଶବ୍ଦ ପ୍ରଦୂଷଣ କରାଯାଉଛି । ମୋଟା ମୋଟି ଭାବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ପୂଜା କମିଟିର ଖାତିର ନଥିବା ବୁଦ୍ଧିଜୀବି ମହଲରେ ଆଲୋଚନା ହେବା ସହିତ ଜିଲ୍ଲାପାଳଙ୍କ ତୁହାକୁ ତୁହା ବୈଠକ ପୂଜା କମିଟି ଆଗରେ ଫେଲ ମାରିଥିବା ଦେଖାଯାଇଛି । ଆଜିର ପ୍ରଥମ ଦିନ ଭଷାଣି ଶୋଭାଯାତ୍ରରେ ପୂଜା କମିଟିର ନିଷ୍ପତ୍ତି ଅନୁଯାୟୀ ସକାଳ ୧୦ ଟା ସୁଦ୍ଧା ସମସ୍ତ ମେଢ଼ ଗୁଡିକ ନିଜ ନିଜର ଆସ୍ଥାନ ଛାଡି ସାହି ବସ୍ତି ଓ ସହର ପରିକ୍ରମା କରି ଭୋଗଖାଇଥିବା ଦେଖିବାକୁ ମିଳିଛି । ପରମ୍ପରା ଅନୁଯାୟୀ ପ୍ରଥମେ ପୁରୁଣା ବସଷ୍ଟାଣ୍ଡ ଥାନପତି ମେଢ ନିଜର ଗାଦି ଛାଡିବା ପରେ ନୂଆ ବସଷ୍ଟାଣ୍ଡର ଥାନପତି ମେଢ଼ ଆସିଥାନ୍ତି । ପରେ ଅନ୍ୟ ମେଢ଼ ଗୁଡିକ ଶୋଭାଯାତ୍ରାରେ ଯାଇଥାନ୍ତି । ରିପୋର୍ଟ ଲେଖା ହେଲା ବେଳକୁ ପୁରୁଣା ବସଷ୍ଟାଣ୍ଡ ମେଳଣ ପଡିଆରେ ୭/୮ ଟି ମେଢ ପହଞ୍ଚି ଥିବାର ଦେଖିବାକୁ ମିଳିଛି । ପୁରୁଣା ବସଷ୍ଟାଣ୍ଡ ନିୟନ୍ତ୍ରଣ କକ୍ଷରେ ଜିଲ୍ଲାପାଳ ସମର୍ଥ ବର୍ମା, ଏସପି ନୀତି ଶେଖର, ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମିତା ପଟ୍ଟନାୟକ,ଗାଗାରିନ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିବା ବେଳେ କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଡିଏସପି କାର୍ତ୍ତିକ ମଲ୍ଲିକ, ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେଓ, ଟାଉନ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ, ସଦରଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ବିଭିନ୍ନ ଗଜଲକ୍ଷ୍ମୀ ମେଢ ନିକଟରେ ପହଁଚି ସେଗୁଡିକୁ ପୁରୁଣା ବସଷ୍ଟାଣ୍ଡସ୍ଥିତ ମେଳଣ ପଡିଆକୁ ସମୟ ସୀମା ଭୀତରେ ଆଣିବାକୁ ପ୍ରୟାସ ଜାରିରଖିଥିବାର ଦେଖାଯାଇଛି । ପ୍ରାୟ ୩୦ପ୍ଲାଟୁନ ପୋଲିସ ଫୋର୍ସ ଶାନ୍ତି ଶୃଖଳା ଦାୟିତ୍ୱରେ ନିୟୋଜିତ ହୋଇଛନ୍ତି ।

ସଡକ ସୁରକ୍ଷା କମିଟି ବୈଠକ

ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱାରୋପ

ବାଲେଶ୍ୱର(ପିଏନ)- ଆଜି ଅପରାହ୍ନ ୫ଘଟିକା ସମୟରେ ସ୍ଥାନୀୟ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଡକ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରାରମ୍ଭରେ ବିଗତ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତିର ସଠିକ ଅନୁପାଳନ ହୋଇ ନ ଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ । ବିଶେଷ କରି ଦୁର୍ଘଟଣା ହେବାର ୨୪ ଘଂଟା ମଧ୍ୟରେ ପୋଲିସ, ଜାତୀୟ ରାଜପଥ ପ୍ରାଧିକରଣ କର୍ତୃପକ୍ଷ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ ପାଇଁ ନିୟମ ରହିଥିଲେ ଥିଲେ ହେଁ ଏହା ହେଉ ନ ଥିବାରୁ କମିଟି ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା । ବେପରୁଆ ଯାନ ଚାଳନା ଏବଂ ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ଲାଗି ବୈଠକରେ ଆଲୋଚନା ହେବା ସହିତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରେ ଚିହ୍ନଟ ହୋଇଥିବା ବ୍ଲାକ ସ୍ପଟ୍ ରେ ସଡକ ଦୁର୍ଘଟଣାକୁ କିଭଳି ରୋକ ହେବ ସେ ନେଇ ବଚାର ବମର୍ଶ କରାଯାଇଥିଲା । ଜାତୀୟ ରାଜପଥକୁ ଲାଗି ରହିଥିବା ସର୍ଭିସ୍ ରୋଡରେ ବେଆଇନ ପାର୍କିଂ ହେଉଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଥିବା କମିଟି ସଦସ୍ୟମାନେ ପ୍ରକାଶ କରିଥିବା ବେଳେ ସର୍ବାଧିକ ଅଗ୍ରାଧିକାର ଦେଇ ଏହାର ସମାଧାନ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ଏଥିଲାଗି ଜାତୀୟ ରାଜପଥର ନହରପାଟଣାଠାରେ ଟ୍ରକ ଓ ଅନ୍ୟ ବଡ ଗାଡି ପାର୍କିଂ କରିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେବା ସହ ଏହାର ଅନୁଧ୍ୟାନ କରିବା ଲାଗି ଜିଲ୍ଲାପାଳ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ରାଜପଥ କଡରେ ରହିଥିବା ସର୍ଭିସ ରୋଡ, ଫ୍ଲାଏ ଓଭରବ୍ରିଜ ଓ ରାସ୍ତା ମରାମତି କାମ ନଭେମ୍ବର ୧୫ତାରିଖ ସୁଦ୍ଧା ଆରମ୍ଭ କରାଯିବ ବୋଲି ଜାତୀୟ ରାଜପଥ କର୍ତୃପକ୍ଷ ଗୃହକୁ ଅବଗତ କରିଥିଲେ । ସେହିପରି ପଣପଣା ଠାରେ ଅଣ୍ଡରପାସ୍ ନିର୍ମାଣ, ସନ୍ତୋଷପୁର ଠାରେ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଟୋଲ ଗେଟକୁ ଭଙ୍ଗାଯିବା, ଭଦ୍ରକ ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଛଅ ଲେନ ରାସ୍ତା ନିର୍ମାଣ କାର୍ଯ୍ୟ ବର୍ତମାନ ସୁଦ୍ଧା ଆରମ୍ଭ କରାଯାଇ ନ ଥିବାରୁ କମିଟି ସଦସ୍ୟମାନେ ଚିନ୍ତାପ୍ରକଟ କରିଥିଲେ । ଦୁର୍ଘଟଣା ହ୍ରାସ ପାଇଁ ମରାମତି ହେଉଥିବା ରାସ୍ତା ଓ ପୋଲ ଗୁଡିକରେ ଯଥେଷ୍ଟ ସଂଖ୍ୟାରେ ସାଇନେଜ୍, ସତର୍କ ସୂଚନା ଲଗାଇବା ପାଇ ଜାତୀୟ ରାଜପଥ କର୍ତୃପକ୍ଷ, ରାସ୍ତା ଓ ଗୃହ ନିର୍ମାଣ, ଗ୍ରାମାଂଚଳ ବିକାଶ ବିଭାଗ ନିର୍ବାହୀ ଯନ୍ତ୍ରୀମାନଙ୍କୁ କୁହାଯାଇଥିଲା । ଯାତ୍ରୀବାହୀ ବସ ଉପରେ ମାଲ ପରିବହନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିନା ହେଲମେଟରେ ବାଇକ ଚଳାଇବା ,ବିକୃତ ଶବ୍ଦଯୁକ୍ତ ସାଇଲେନ୍ସର ବ୍ୟବହାର ନିମନ୍ତେ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବାକୁ କଡାକଡି ଭାବେ ଲାଗୁ କରିବାକୁ କୁହାଯାଇଛି । ଦୁର୍ଘଟଣା ସଂପର୍କରେ ତୁରନ୍ତ ଖବର ପାଇବା, ପୀଡିତଙ୍କୁ ସେବା ଯୋଗାଇବାକୁ ପଦକ୍ଷେପ ତ୍ୱରିତ କରିବାକୁ କରିବାକୁ ଆରଟିଓଙ୍କୁ କୁହାଯାଇଥିଲା । ବାଲେଶ୍ୱର ସହରର ରେମୁଣା ଗୋଲେଇଠାରୁ ବସଷ୍ଟାଣ୍ଡ ଏବଂ ମାଲଗୋଦାମରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ବେଆଇନ ପାର୍କିଂକୁ ହଟାଇବା, ଆଜିମାବାଦ ଛକ ନିକଟରେ ଡ୍ରେନ ଓ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଏବଂ ସହରରେ ଟ୍ରାଫିକ ବ୍ୟବସ୍ଥାକୁ ସୁଗମ କରିବା ଲାଗି ବୈଠକରେ ମତପ୍ରକାଶ ପାଇଥିଲା । ସେରଗଡ ଟୋଲଗେଟ ଠାରେ ସିସିଟିଭି କ୍ୟାମେରାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଏବଂ ଛକ ନିକଟରେ ରାସ୍ତାକୁ ଚଉଡା କରିବା ଲାଗି ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗାଈ ଗୋରୁଙ୍କ ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହେବା ଏବଂ ଦୁର୍ଘଟଣା ଘଟୁଥିବା ଯୋଗୁଁ ତାର କିଭଳି ସମାଧାନ ହୋଇ ପାରିବ ସେଥି ନେଇ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରଟିଓ ଶ୍ରୀ ବିକାଶ ଚୌଧୁରୀ, ଡିଏସପି ରଜତ କୁମାର ରାୟଙ୍କ ସମେତ, ଟ୍ରକ୍ ମାଲିକ ସଂଘ ଓ ବସ ମାଲିକ ସଂଘର କର୍ମକର୍ତା ଏବଂ କମିଟିର ସଦସ୍ୟମାନ ଯୋଗ ଦେଇଥିଲେ ।

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର: ଆଦିତ୍ୟ ବିର୍ଲା ଗ୍ରୁପର କଂପାନି ହିଣ୍ଡାଲକୋର ଆଦିତ୍ୟ ଆଲୁମିନିୟମ ଲପଙ୍ଗା ପକ୍ଷରୁ ଏହାର ସିଏସ୍‌ଆର୍ ଅଭିଯାନର ଅଂଶସ୍ୱରୂପ ଏକ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏକ ପକ୍ଷ ଲାଗି ଆୟୋଜନ କରାଯାଇଛି ଯାହା ଲପଙ୍ଗାର ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକର ସ୍କୁଲରେ ପହଂଚିଛି । ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ପଂଜୀକୃତ ହୋଇଥିବା ୩୫୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କଂପାନିର ଅଭିଯାନ ୨୫୧ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚିଛି । ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରେ ରହିଛି ଲପଙ୍ଗାର ଖଡ଼ିଆପାଲି ୟୁଜିୟୁପି ସ୍କୁଲ (୧୧୨ ଛାତ୍ରଛାତ୍ରୀ), ତିଲେମାଲ ପିୟୁପିଏସ (୧୨୮ ଛାତ୍ରଛାତ୍ରୀ), ପୋଣ୍ଡାଲୋଇ ୟୁଜିୟୁପି (୧୧୫ ଛାତ୍ରଛାତ୍ରୀ) ଏବଂ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍‌ର ବୋମୋଲୋଇ ଜିପି। ପ୍ରତିଟି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବ୍ଲଡ୍ ଗ୍ରୁପ୍ ଜାଣିବା ଲାଗି ସେମାନଙ୍କ ରକ୍ତ ପରୀକ୍ଷା କରାଯାଇଥିଲା । ଉତମ ସ୍ୱାସ୍ଥ୍ୟ, ପରିମଳ ଏବଂ ଉତମ ଅଭ୍ୟାସ ବିଷୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଭିନବ ବାର୍ତାଳାପ ଅଧିବେଶନ ଜରିଆରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ବ୍ଲଡ ଗ୍ରୁପ, ଜରୁରୀକାଳୀନ ସ୍ଥିତିରେ ବ୍ଲଡ୍ ଗ୍ରୁପ୍ ବିଷୟରେ ଜାଣିବାର ଗୁରୁତ୍ୱ ଏବଂ ବୟସ ବଢ଼ିବା ବେଳେ ରକ୍ତଦାନ କରି ଦାୟିତ୍ୱବାନ ନାଗରିକ ଭାବେ ଭୂମିକା ନିର୍ବାହ କରିବା ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ପ୍ରତିଟି ଛାତ୍ରଛାତ୍ରୀଙ୍କ କଂପାନି ପକ୍ଷରୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା ଯେଉଁଥିରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ବାର୍ଷିକ ଭିତିରେ ନିରୀକ୍ଷଣ କରିହେବ ଏବଂ ଛାତ୍ରଛାତ୍ରୀଙ୍କ ବିଏମ୍‌ଆଇରେ ହୋଇଥିବା ଉନ୍ନତି ବିଷୟରେ ଜାଣିହେବ । ଏହି କାର୍ଯ୍ୟକ୍ରମରେ କଂପାନି ପକ୍ଷରୁ ୀଯୁକ୍ତ ବିପୁଳ ଚାଟାର୍ଜୀ, ଶ୍ୱେତା ଉପାଧ୍ୟାୟ, ମନୋରଂଜନ ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ସମ୍ବଳ ସଂଯୋଜକ, ସ୍କୁଲଗୁଡ଼ିକର ହେଲଥ ମାଷ୍ଟର୍ ଏବଂ ଏସ୍‌ଏମ୍‌ସି ସଦସ୍ୟ ଭଳି ସରକାରୀ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ବୃହତ ଆକାରର ସୁପରମାର୍କେଟ ବ୍ରାଣ୍ଡ୍ ରିଲାଏନ୍ସ ସ୍ମାର୍ଟ ସେମିଲିଗୁଡ଼ାରେ ଖୋଲିଲା ପ୍ରଥମ ଷ୍ଟୋର୍

ଭୁବନେଶ୍ୱର/ସେମିଲିଗୁଡ଼ା : ରିଲାଏନ୍ସ ରିଟେଲ୍‌ର ବୃହତ ଆକାରର ଗ୍ରୋସରି ସୁପରମାର୍କେଟ ବ୍ରାଣ୍ଡ୍ ରିଲାଏନ୍ସ ସ୍ମାର୍ଟ ପକ୍ଷରୁ ସେମିଲିଗୁଡ଼ା ବସ୍ ଷ୍ଟାଣ୍ଡ୍ ନିକଟସ୍ଥ ବିଶ୍ୱାଳ କମ୍ପ୍ଲେକ୍ସରେ ସେମିଲିଗୁଡ଼ାର ପ୍ରଥମ ରିଲାଏନ୍ସ ସ୍ମାର୍ଟ ଷ୍ଟୋର ଖୋଲାଯାଇଛି । ଗୋଟିଏ ଛାତ ତଳେ ଗ୍ରୋସରି, ଫଳ ଓ ପନିପରିବା, ଦୁଗ୍ଧ ଠାରୁ ଆରମ୍ଭ କରି କିଚେନ ଓୟାର ଏବଂ ହୋମଓୟାର ଇତ୍ୟାଦି ପର୍ଯ୍ୟନ୍ତ ବ୍ୟାପକ ପ୍ରକାରର ଉତ୍ପାଦକୁ ପ୍ରଦାନ କରି ଏହି ଷ୍ଟୋର ୱାନ-ଷ୍ଟପ ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି ।

ରିଲାଏନ୍ସ ସ୍ମାର୍ଟ ବର୍ଷ ତମାମ ଏହାର ବ୍ୟାପକ ବର୍ଗର ଉତ୍ପାଦର ଏମଆରପି ଉପରେ ସର୍ବନିମ୍ନ ୫% ନିଶ୍ଚିତ ରିହାତି ଓ ୧୪୯୯ ଟଙ୍କାର ସର୍ବନିମ୍ନ କିଣାକିଣି ଉପରେ ୯ ଟଙ୍କାରେ ୧ କେଜି ଚିନି ପ୍ରଦାନ କରବା ଭଳି ଅନେକ ଆକର୍ଷଣୀୟ ଅଫର ସହ ମାସିକିଆ ଗ୍ରୋସରି ସପିଙ୍ଗ ପାଇଁ ସାରା ଭାରତର ପସନ୍ଦର ସୁପରମାର୍କେଟ ଭାବେ ଉଭା ହୋଇଛି । ପୁନଶ୍ଚ, ନିତିଦିନିଆ ଖାଦ୍ୟ ସାମଗ୍ରୀ ଏବଂ ଫଳ ଓ ପନିପରିବା ଇତ୍ୟାଦି ଏହା ପ୍ରତିଦିନ ସୁଲଭ ମୂଲ୍ୟରେ ପ୍ରଦାନ କରୁଛି ।

ସେମିଲିଗୁଡ଼ାରେ ଷ୍ଟୋର ଖୋଲିବା ସହ ରିଲାଏନ୍ସ ସ୍ମାର୍ଟର ଓଡ଼ିଶାରେ ଷ୍ଟୋର ସଂଖ୍ୟା ୬ରେ ପହଂଚିଛି । ଏହି ୧୨,୦୦୦ ବର୍ଗଫୁଟର ବିଶାଳ ଷ୍ଟୋରରେ ଭଲ ଭାବେ ସୂଚନା ପ୍ରଦାନ କରିପାରୁଥିବା ଗ୍ରାହକ ସହଯୋଗୀ, ଚଳମାନ ଡିଜାଇନ ଓ ଲେଆଉଟ୍, ଆକର୍ଷଣୀୟ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ରହିଛି ଯାହା ବିନମ୍ରତାର ସହ ଗ୍ରାହକଙ୍କ ହୃଦୟ ଜୟ କରିବ ଏବଂ ସେମାନଙ୍କ ନିତିଦିନିଆ ଜୀବନର ଏକ ଅଂଶ ହେବ । ଅଧିକନ୍ତୁ, "ପାୱାର ଅଫ ୯' ଭଳି ଉଦଘାଟନୀ ଅଫର ଯାହା ୧ ଲିଟର ମିଲ୍କି-ମୁ ଦୁଗ୍ଧ, ପ୍ଲାଷ୍ଟିକ କଂଟେନର ସେଟ୍ ଇତ୍ୟାଦି ଅନେକ ଉତ୍ପାଦକୁ ମାତ୍ର ଏକ ଟଙ୍କାରେ (୯୯୯ ଟଙ୍କାରୁ ଅଧିକ କିଣାକିଣି ଉପରେ) ପ୍ରଦାନ କରିବ, ଯାହା ନିଶ୍ଚିତ ରୂପେ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିବ ।

ବର୍ଷ ବର୍ଷ ଧରି ରିଲାଏନ୍ସ ସ୍ମାର୍ଟ, ନିଜର ଗ୍ରାହକଙ୍କର ନିତିଦିନିଆ ଆବଶ୍ୟକତା ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଅବସରରେ ଆବଶ୍ୟକ ପଡୁଥିବା ଉତ୍ପାଦକୁ ଆକର୍ଷଣୀୟ ମୂଲ୍ୟରେ ଯୋଗାଇ ଆସୁଛି । ଗ୍ରାହକଙ୍କ ଉପରେ ଅଧିକରୁ ଅଧିକ ଧ୍ୟାନ ଦେବା ସହିତ ରିଲାଏନ୍ସ ସ୍ମାର୍ଟ ବୃହତ ଫର୍ମାଟରେ ବ୍ୟାପକ ବର୍ଗର ଉତ୍ପାଦ ଓ ଗ୍ରାହକଙ୍କ ଘର ନିକଟରେ ପହଂଚି ଗ୍ରାହକମାନଙ୍କୁ ସର୍ବଶ୍ରେଷ୍ଠ ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି । ବର୍ତମାନ ରିଲାଏନ୍ସ ସ୍ମାର୍ଟ ଷ୍ଟୋରଗୁଡ଼ିକର ଉପସ୍ଥିତି ଦେଶର ୧୧୫ ସହରରେ ରହିଛି ।

ଓପୋ ପକ୍ଷରୁ ଏନକୋ ୱାୟରଲେସ ହେଡଫୋନ ସହିତ ଭାରତରେ ପ୍ରଥମ ରେନୋ-୨ ସିରିଜର ଶୁଭାରମ୍ଭ

ଭୁବନେଶ୍ୱର: ଏକ ଅଗ୍ରଣୀ ସ୍ମାର୍ଟଫୋନ ବ୍ରାଣ୍ଡ ଭାବେ ଓପୋ ପକ୍ଷରୁ ଆଜି ଏହାର ବହୁ ପ୍ରତିକ୍ଷିତ ସ୍ମାର୍ଟଫୋନ ରେନୋ-୨ ସିରିଜର ଶୁଭାରମ୍ଭ ହୋଇଛି । ରେନୋ-୨ ପ୍ରଥମଥର ପାଇଁ ୨୦ଏକ୍ସ ଡିଜିଟାଲ ଜୁମ ବିଶିଷ୍ଟ କ୍ୱାର୍ଡ କ୍ୟାମେରା, ଅଲଟ୍ରା ଷ୍ଟେଡି ଭିଡିଓ ମୋଡ଼ ଏବଂ ଅଲଟ୍ରା ଡାର୍କ ମୋଡ଼ ଭଳି ଅଭିନବ କୌଶଳରେ ସୁସଜ୍ଜିତ ହୋଇଆସିଛି । ରେନୋ-୨ର ୮ + ୨୫୬ ଜିବି ଷ୍ଟୋରେଜ ବିଶିଷ୍ଟ ସଂସ୍କରଣର ମୂଲ୍ୟ ମାତ୍ର ୩୬,୯୦୦ ଟଙ୍କା ରହିଥିବ, ବେଳେ ଏହା ଓସନ ବ୍ଲୁ ଏବଂ ଲୁମିନସ ବ୍ଲାକ ଭଳି ଦୁଇଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି । ଏହା ସହ ଗ୍ରାହକ ମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ନିମନ୍ତେ ଓପୋର ଅନ୍ୟ ଏକ ସଂସ୍କରଣ ରେନୋ-୨ଜେଡ ମାତ୍ର ୨୯,୯୯୦ ଟଙ୍କାରେ ଉପଲବ୍ଧ ହେଉଥିବା ବେଳେ, ରେନୋ ୨ ଏଫର ମୂଲ୍ୟକୁ ପରବର୍ତ୍ତୀ ସମୟରେ ଘୋଷଣା କରାଯିବା ପାଇଁ କମ୍ପାନୀ ପକ୍ଷରୁ ପ୍ରକାଶ ପାଇଛି ।

ଶୁଭାରମ୍ଭ ଅବସରରେ ଓପୋ ଇଣ୍ଡିଆର ପ୍ରଡକ୍ଟ ଏବଂ ମାର୍କେଟିଙ୍ଗ ଉପାଧ୍ୟକ୍ଷ ଶ୍ରୀ ସୁମିତ ୱାଲିଆ କହିଛନ୍ତି ଯେ, "ରେନୋ ୧୦ଏକ୍ସ ଜୁମ ପାଇଁ ବେଶ ଭଲ ପ୍ରତିକ୍ରିୟା ପାଇବା ପରେ, ଆମେ ଭାରତରେ ପ୍ରଥମ ରେନୋ ୨ ସିରିଜକୁ ପ୍ରବେଶ କରାଇ ବେଶ ଆନନ୍ଦିତ, ଯାହାକି ଏହାର ଭିନ୍ନ ଭିନ୍ନ ପ୍ରାଇସ ସେଗମେଣ୍ଟ ସହ ଗ୍ରାହକମାନଙ୍କୁ ଆକୃଷ୍ଟ କରିପାରିବ । ଏହା ବ୍ୟତ

ଖେଳି

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Tuesday October 22 | ଭୁବନେଶ୍ୱର | ମଙ୍ଗଳବାର, ଅକ୍ଟୋବର ୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଦକ୍ଷିଣ ଆଫ୍ରିକାର ଏକ ଉଇକେଟ ନେବା ପରେ ଜାଡେଜାଙ୍କୁ ସାଥୀ ଖେଳାଳିମାନେ ବଧେଇ ଜଣାଉଛନ୍ତି

ଏଲ୍‌ଆଇସି ହାଉସିଂ ଫାଇନାନ୍‌ସର ଆର୍ଥିକ ଫଳାଫଳ ଘୋଷଣା

ମୁମ୍ବାଇ,: ଗତ ସେପ୍ଟେମ୍ବର ୩୦ ତାରିଖସୁଦ୍ଧାଶେଷହୋଇଥିବାଚଳିତ ଆର୍ଥିକବର୍ଷର ଦ୍ୱିତୀୟତ୍ରୟମାସର ଆର୍ଥିକ ଫଳାଫଳଏଲଆଇସିହାଉସିଂ ଫାଇନାନ୍ସଲିମିଟେଡ୍ ପକ୍ଷରୁଘୋଷଣାକରାଯାଇଛି । ମୁମ୍ବାଇଠାରେ ଗତ ୧୯ ତାରିଖରେ ଅନୁଷ୍ଠିତ ନିର୍ଦ୍ଦେଶନାମଣ୍ଡଳୀବୈଠକରେଏହି ଫଳ । ଫଳକୁ ଅନୁମୋଦିତକରାଯାଇଥିଲା । ଇଣ୍ଡଏସ୍‌ବିଙ୍କପ୍ତି ଅନୁଯାୟୀଏହି ଫଳାଫଳଘୋଷଣାକରାଯାଇଛି । ପୂର୍ବ ଆର୍ଥିକବର୍ଷର ଏହି ସମୟରେ ମୋଟ ବିତରଣ ୧୪୨୯୪ କୋଟି ଥିଲାବେଳେଚଳିତ ଆର୍ଥିକବର୍ଷର ଦ୍ୱିତୀୟତ୍ରୟମାସରେବିତରଣ ୧୨୧୭୩ କୋଟିଟଙ୍କାରହିଛି ।ଏହାମଧ୍ୟରେ ବ୍ୟକ୍ତିଗତଗୃହ ଋଣ କ୍ଷେତ୍ରରେ ୧୬% ଅଭିବୃଦ୍ଧିଘଟିଏହା ୮୭୩୯ କୋଟିଟଙ୍କାରୁ ବୃଦ୍ଧି ପାଇ ୧୦୧୩୬ କୋଟିଟଙ୍କା ହୋଇଛି ।ଚଳିତ ତ୍ରୟମାସରେ ପ୍ରକଳ୍ପ ଋଣ ପରିମାଣ ୪୪୫ କୋଟିଟଙ୍କାରହିଛି ଯାହା ଗତ ଆର୍ଥିକବର୍ଷରଏହିସମୟରେ ୨୯୭୦ କୋଟିଟଙ୍କା ଥିଲା ।

ଚଳିତତ୍ରୟମାସରେକଂପାନୀ ଆୟ ୧୮% ବୃଦ୍ଧି ପାଇ ୪୯୭୯ କୋଟିଟଙ୍କାହୋଇଛି ଯାହା ଗତ ତ୍ରୟମାସରେ ୪୨୦୮ କୋଟିଟଙ୍କା ଥିଲା ।କାରବାରରାଜସ୍ୱ ୧୮% ବୃଦ୍ଧି ପାଇ ୪୨୦୨ କୋଟିଟଙ୍କାରୁ ୪୯୭୩ କୋଟିଟଙ୍କାକୁବୃଦ୍ଧି ପାଇଛି ।ନେଟ୍‌ସୁଧ ଆୟରେ ୧୬% ବୃଦ୍ଧି ପାଇଏହା ୧୦୪୭ କୋଟିଟଙ୍କାରୁବୃଦ୍ଧି ପାଇ ୧୨୧୩ କୋଟିଟଙ୍କାହୋଇଛି ।ଟିକସସହଲାଭରେ ୧୫% ଅଭିବୃଦ୍ଧିଘଟିଏହା ୮୫୬.୦୬ କୋଟିଟଙ୍କାହୋଇଛି ଯାହା ପୂର୍ବବର୍ଷଏହିସମୟରେ ୭୪୫.୩୪ କୋଟିଟଙ୍କା ଥିଲା ।ଟିକସବାଦେ ନେଟ୍‌ଲାଭ ୩୫% ବୃଦ୍ଧି ପାଇ ୭୭୨.୨୦ କୋଟିଟଙ୍କାହୋଇଛି ଯାହା ପୂର୍ବବର୍ଷଏହିସମୟରେ ୫୭୩.୧୬ କୋଟିଟଙ୍କା ଥିଲା ।

କଂପାନୀରମୋଟ ଋଣ ପରିମାଣଏହିସମୟରେ ୨୦୩୦୩୭ କୋଟିଟଙ୍କାହୋଇଛି ଯାହା ପୂର୍ବବର୍ଷଏହିସମୟସୁଦ୍ଧା ୧୭୭୩୯୩ କୋଟି ଥିଲା ।ଏକ୍ଷେତ୍ରରେ ୧୪.୫% ଅଭିବୃଦ୍ଧିଘଟିଛି ।ଏହା ମଧ୍ୟରୁଖୁଚୁରା ଋଣ କ୍ଷେତ୍ରରେ ୧୪% ଅଭିବୃଦ୍ଧି ଘଟିଥିବା ବେଳେ ବ୍ୟକ୍ତିଗତଘରୋଇ ଋଣ ୧୩% ବୃଦ୍ଧି ପାଇଛି ।

ଏହି ଫଳାଫଳଉପରେକଂପାନୀର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓସିଦ୍ଧାର୍ଥମହାନ୍ତିକହିଛନ୍ତିଯେ, ବାହ୍ୟବ୍ୟବସ୍ଥା ଆହ୍ୱାନ କର ହୋଇଥିବା ସତ୍ତ୍ୱେ କଂପାନୀଗୃହଋଣ ଅଭିବୃଦ୍ଧିବଜାୟ ରଖିବାରେ ସମର୍ଥହୋଇପାରିଛି । ସଂପତ୍ତିମାନ କ୍ଷେତ୍ରରେ ଥିବା ସମସ୍ୟା ଦୂର ପାଇଁ ଆମେ ଦୃଷ୍ଟି ଦେଉଛୁଏବଂ ଆଗାମୀ ତ୍ରୟମାସରେ ଏହା ନିୟନ୍ତ୍ରଣ ପାଇଁ ଆମେ ଆଶାବାଦୀ ବୋଲି ସେ କହିଛନ୍ତି ।

ଚଳିତ ଆର୍ଥିକ ବର୍ଷରେ ଆଇସିଆଇସିଆଇ ଖୋଲିବ ୪୫୦ଟି ଶାଖା

ମୁମ୍ବାଇ: ଚଳିତ ଆର୍ଥିକ ବର୍ଷରେ ଆଇସିଆଇସିଆଇ ୪୫୦ଟି ନୂଆ ଶାଖା ଖୋଲି ଦେଶରେ ନିଜର ଖୁଚୁର । ନେଟୱାର୍କ ସଂପ୍ରସାରିତ କରିବ ବୋଲି ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି । ଇତିମଧ୍ୟରେ ବ୍ୟାଙ୍କ ଗ୍ରାହକଙ୍କ ନିମନ୍ତେ ୩୨୦ଟି ଶାଖା କାର୍ଯ୍ୟକ୍ଷମ କରିସାରିଛି । ଅବଶିଷ୍ଟ କାର୍ଯ୍ୟକ୍ଷମ ପ୍ରକ୍ରିୟାରେ ରହିଛି । ନୂଆ ଶାଖା ପ୍ରତିଷ୍ଠା ଫଳରେ ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ଦେଶରେ ୫୦୦୦କୁ ବୃଦ୍ଧି ପାଇଛି । ବ୍ୟାଙ୍କର ମାଇଲଖୁଣ୍ଟ ଶାଖା ମହାରାଷ୍ଟ୍ରର ଥାନେଠାରେ ପ୍ରତିଷ୍ଠା କରାଯାଇଛି । ଏ ହାଦ୍ୱାରା ବ୍ୟାଙ୍କ ନେଟୱାର୍କରେ ୫୧୯୦ଟି ଶାଖା, ଏଟିଏମ ଓ ସଂପ୍ରସାରିତ କାଉ ର ଅନ୍ତର୍ଭୁକ୍ତ ହୋଇପାରିଛି । ଜାମ୍ମୁ- କାଶ୍ମୀରର ଲେହ ଠାରୁ ଆରମ୍ଭ କରି ତାମିଲନାଡୁର ନାଗରକଏଲ, ଗୁଜୁରାଟର ନାଲିୟାଠାରୁ ଆରମ୍ଭ କରି ମିଜୋରାମର ଆଇଜଲ ପର୍ଯ୍ୟନ୍ତ ବ୍ୟାଙ୍କ ଶାଖା ପ୍ରତିଷ୍ଠା ହୋଇପାରିଛି । ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ବ୍ୟାଙ୍କ ଅଧାଶାଖା ଗ୍ରାମାଳ ଓ ଅର୍ଦ୍ଧସହରା ଳରେ ପ୍ରତିଷ୍ଠା କରାଯାଇଛି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୁପ ବାଗ୍‌ଚୀ କହିଛନ୍ତି ଯେ, ଖୁଚୁରା ବ୍ୟାଙ୍କିଙ୍ଗ ପାଇଁ ଏକ ବ୍ୟାପକ ବ୍ୟାଙ୍କ ନେଟୱାର୍କର ଆବଶ୍ୟକତା ରହିଛି ବୋଲି ଆମେ ବିଶ୍ୱାସ କରୁ । ଏହାଦ୍ୱାରା ଅଧିକରୁ ଅଧିକ ସେବା ଯୋଗାଣ ଦ୍ୱାରା ଗ୍ରାହକଙ୍କ ସହ ସଂପର୍କରେ ମଧ୍ୟ ବୃଦ୍ଧି ଘଟିଥାଏ । ଏହି ଶାଖାଗୁଡ଼ିକ ଗ୍ରାହକଙ୍କୁ ପରାମର୍ଶ ଦେବା ସହ ମାର୍ଗଦର୍ଶନ ପ୍ରଦାନ କରିଥାନ୍ତି ବୋଲି ସେ କହିଛନ୍ତି।

ଭିଭୋ ପକ୍ଷରୁ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର : ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଯାଇଛି । ଏହା ଦ୍ୱାରା ଭି ସିରିଜ୍‌ର ଉତ୍ପାଦରେ ବୃଦ୍ଧି ଘଟିଛି । ଭି-୧୭ ପ୍ରୋରେ ୮ଜିବି ରାମ୍ ଏବଂ ୧୨୮ ଜିବି ରମ୍ ରହିଛି । ଏଥିରେ ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ଅଲ୍ କ୍ୱାଡ୍ ପଛ କ୍ୟାମେରା ରହିଛି । ସେହିପରି ଭି-୧୭ ପ୍ରୋ ଗ୍ଲାସିଅର ଆଇସ୍ ଏବଂ ମିଡ୍ ନାଇଟ୍ ଓସିନ୍ ରଙ୍ଗରେ ମିଳୁଛି । ଏହାର ମୂଲ୍ୟ ୨୯,୯୯୦ ଟଙ୍କା ରହିଛି । ଏହା ୨୦୧୯ ସେପ୍ଟେମ୍ବର ୨୭ ତାରିଖ ଠାରୁ ଆମାଜନ ଡଟ୍ ଇନ୍, ଫ୍ଲିପ୍‌କାର୍ଟ, ଭିଭୋ ଇଣ୍ଡିଆ ଇ-ଷ୍ଟୋର ଏବଂ ସମସ୍ତ ଅଫ୍ ଲାଇନ୍ ଅଂଶୀଦାର ଷ୍ଟୋରରେ ଉପଲବ୍ଧ ହେବ। ଏହି ଫୋନ୍‌ରେ ଶକ୍ତିଶାଳୀ ୩୨ ଏମ୍ ପି ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ୪୮ ଏମ୍‌ପି ଅଲ୍ କ୍ୱାଡ୍ ପଛ କ୍ୟାମେରା ସହିତ ୧୩ ଏମ୍‌ପି ୨-ଏକୁ ଅପ୍ଟିକାଲ ଜୁମ୍ ସୁବିଧା ରହିଛି। ଏଥିରେ ୧୬.୩୬ ସେମି ଫୁଲ୍ ଭିୟୁ ସୁପର ଆମଲୋଏଡ୍ ଡିସପ୍ଲେ, ୯୧.୬୫ ପ୍ରତିଶତ ସ୍କ୍ରିନ୍ ବଡ଼ି ରେସିଓ, ୨୦:୯ ଆସପେକ୍ଟ ରେସିଓ, ଆଂଟି ଫ୍ଲିକର ଜ୍ଞାନକୌଶଳ ଆଦି ରହିଛି ।ଏହି ଫୋନ୍‌ରେ କ୍ୱାଲକମ୍ ସ୍ନାପଡ୍ରାଗନ ୬୭୫ ଏଆଇଇ ପ୍ରୋସେସର. ଓଏସ୍ ୮.୧ ଆଣ୍ଡ୍ରଏଡ୍ , ଫନ୍ ଟଚ୍ ଓଏସ୍ ୪.୫, ଭିଭୋର ଜୋଭି ଏଆଇ ଇନ୍ ଆଦି ବୈଶିଷ୍ଟ୍ୟ ରହିଛି। ଏଥିରେ ୪,୧୦୦ଏମ୍‌ଏଏଚ୍ ଟାଇପ୍-ସି ବ୍ୟାଟେରୀ, ଡୁଆଲ୍ ଇନ୍ ଫାଷ୍ଟ ୧୮ ୱାଟ୍ ଚାର୍ଜ ସୁବିଧା ରହିଛି। ଏହା ସହିତ ଏଥିରେ ଗେମ୍ ଟ୍ରବୋ, ଏଆଇ ଟ୍ରବୋ, ସେଂଟର ଟ୍ରବୋ, ନେଟ୍ ଟ୍ରବୋ କୁଲିଂ ଟ୍ରବୋ ଆଦି ବୈଶିଷ୍ଟ୍ୟ ରହିଛି। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅ'ର୍ଗତ ଭି-୧୭ ପ୍ରୋ ଗ୍ରେଟର ନୋଏଡାଠାରେ ନିର୍ମିତ ହୋଇଛି। ଏହି ସ୍ମାର୍ଟଫୋନ୍ ଉପରେ ୱାନ୍ ଟାଇମ୍ ସ୍କ୍ରିନ ରିପ୍ଲେସ୍‌ମେଂଟ୍ ସୁବିଧା ୨୦୧୯ ଅକ୍ଟୋବର ୮ ତାରିଖ ପର୍ଯ୍ୟ' ଉପଲବ୍ଧ ହେବ। ଏଚଡିଏଫସି ଏବଂ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଏବଂ ଏଚଡିଏଫସି ଲୋନ୍ ଇଏମ୍‌ଆଇ କ୍ଷେତ୍ରରେ ୧୦ ପ୍ରତିଶତ କ୍ୟାସବ୍ୟାକ୍ ସୁବିଧା। ଏଚଡିବି ଜିରୋ ଡାଉନ୍ ପେମେଂଟ୍‌ରେ ଅତିରିକ୍ତ ୧୦ ପ୍ରତିଶତ କ୍ୟାସ୍ ବ୍ୟାକ୍ ସୁବିଧା ମିଳୁଛି। ବଜାଜ ସହିତ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ। ସେହିପରି ଆଇଏଫ୍‌ସି ଜିରୋ ଡାଉନ୍ ପେମେଂଟ୍‌ରେ ୮ ମାସର ଇଏମ୍‌ଆଇ ସହିତ ୫ ପ୍ରତିଶତ କ୍ୟାସବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି। ହୋମ୍ କ୍ରେଡିଟ୍ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ ସୁବିଧ ପ୍ରଦାନ କରାଯାଉଛି। ଏହା ସହିତ ଭିଭୋ-କ୍ୟାସିଫାଏ ଆପ୍ଲିକେଶନ ଦ୍ୱାରା ପୁରୁଣା ସ୍ମାର୍ଟଫୋନ୍ ଏକ୍ସଚେ୍ଞ କ୍ଷେତ୍ରରେ ଅତିରିକ୍ତ ୧,୯୯୯ ଟଙ୍କାର ଉପହାର ପ୍ରଦାନ କରାଯାଉଛି। ଭୋଡ଼ାଫୋନ୍ ଆଇଡ଼ିଆ ଗ୍ରାହକଙ୍କୁ ନିଶ୍ଚିତ ୫୦ପ୍ରତିଶତ ମୂଲ୍ୟାର ବାଏ ବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି। ଏହି ଅବସରରେ ଭିଭୋ ଇଣ୍ଡିଆର ବ୍ରାଣ୍ଡ୍ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଲେ, ' ଭିଭୋ ସାମ୍ପ୍ରତିକ କ୍ୟାମେରା ଜ୍ଞାନକୌଶଳରେ ଏକ ନୂତନ କ୍ଷେତ୍ର ସୃଷ୍ଟି କରିବା ସହିତ କ୍ୟାମେରାର ଅଭିଜ୍ଞତାକୁ ବିଶେଷ ରୁଦ୍ଧିମ' କରିବାକୁ ସକ୍ଷମ ହେବ। ଆମ୍ଭେ ନିଶ୍ଚିତ ଯେ, ଏହି ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ଭି ସିରିଜ୍‌ରେ ଏକ ନୂତନ ବେଂଚମାର୍କ ସୃଷ୍ଟି କରିବାକୁ ସକ୍ଷମ ହେବ ତଥା ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିବା ସହିତ ସେଲଫି ଅଭିଜ୍ଞତାକୁ ରୁଦ୍ଧିମନ୍ତ କରାଇବ। ଏଥିରେ ଥିବା ୩୨ ଏମ୍ ପି ଡୁଆଲ୍ ପପ୍ ଅପ୍ ସମ୍ମୁଖ କ୍ୟାମେରା ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହେବ। ସୂଚନାଯୋଗ୍ୟ, ବିଶ୍ୱସ୍ତରରେ ସ୍ମାର୍ଟଫୋନ୍ ନିର୍ମାଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଭିଭୋ ଭାରତରେ ଏହାର କାରବାର ୨୦୧୪ ମସିହାରେ ଆରମ୍ଭ କରିଥିଲା। ଅତି ସ୍ୱଳ୍ପ ସମୟ ମଧ୍ୟରେ ଏହା ସ୍ମାର୍ଟଟ୍ରାଣ୍ଡ୍ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଥିଲା। ଗ୍ରେଟର ନୋଏଡାଠାରେ ଏହାର ନିର୍ମାଣ କେନ୍ଦ୍ର ରହିଛି। ସମ୍ପ୍ରତି ଦେଶର ୨୭ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଂଚଳରେ ୫୩୯ରୁ ଅଧିକ ସହରରେ କମ୍ପାନୀର ୫୫୦ରୁ ଅଧିକ ସର୍ଭିସ୍ ସେଂଟର ରହିଛି। ଏହା ମୁଖ୍ୟତଃ କ୍ୟାମେରା ଓ ମ୍ୟୁଜିକ୍‌କୁ ଗୁରୁତ୍ୱ ପ୍ରଦାନ କରିଥାଏ। ଏହା ଭାରତରେ ଦ୍ରୁତ ଅଭିବୃଦ୍ଧିଶୀଳ କମ୍ପାନୀ ଭାବରେ ଖ୍ୟାତି ହାସଲ କରିଛି।

ଫେଡକୋ ପକ୍ଷରୁ ସେଫାଳି କାର୍ଯ୍ୟକ୍ରମ ଜରିଆ ।ରେ ପୁରୀରେ ମହିଳା

ଭୁବନେଶ୍ୱର: ଫେଡକୋର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡ଼ବ୍ଲୁଏସଏଚଜି) ସଂପର୍କ ଅଭିଯାନ ସେଫାଳିକୁ ପୁରୀ ବିଦ୍ୟୁତ ଡିଭିଜନରେ ବିପୁଳ ମାତ୍ରାରେ ଗ୍ରହଣୀୟ ହୋଇଥିବା ବେଳେ ୧୨,୦୦୦ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ଲାଗି କଂପାନି ସହିତ ଏଭଳି ୧୭ଟି ଏସଏଚଜି ହାତ ମିଳାଇଛନ୍ତି । ନୟାଗଡ଼ରେ ଏହି ମଡେଲର ସଫଳତା ଏବଂ ପୁରୀରୁ ମିଳିଥିବା ଜବରଦସ୍ତ ସମର୍ଥନକୁ ନେଇ, ଫେଡକୋ (ଫିଡବ୍ୟାକ ଏନର୍ଜି ଡିଷ୍ଟ୍ରିବ୍ୟୁସନ କଂପାନି) ପକ୍ଷରୁ ଚଳିତ ମାସ ଶେଷ ସୁଦ୍ଧା ପୁରୀର ୩୦,୦୦୦ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ଲାଗି ୩୩ଟି ଡ଼ବ୍ଲୁଏସଏଚଜିଙ୍କୁ ସାମିଲ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରୋତ୍ସାହନ ଭିତିକ ସେଫାଳି (ସୋସାଇଟିଜ ଏମପାୱାରମେଂଟ ଫର ଅ।ସ୍ୟୁରିଂ ଲାଇଭଲିହୁଡ) କାର୍ଯ୍ୟକ୍ରମରେ, ମିଟରିଂ, ବିଲିଂ ଏବଂ ଗ୍ରାହକଙ୍କ ଠାରୁ ବିଦ୍ୟୁତ ଶୁଳ୍କ ଅ।ଦାୟ କରିବା ଲାଗି ଏସଏଚଜିଗୁଡ଼ିକୁ ନିୟୋଜିତ କରାଯାଉଛି। ସେଫାଳି ଭଳି ଅଭିଯାନ ଜରିଅ।ରେ ସ୍ଥାନୀୟ ଲୋକମାନଙ୍କୁ ସାମିଲ କରିବା କେବଳ ଅଂଶଗ୍ରହଣ କରିଥିବା ମହିଳାଙ୍କ ଅ।ୟ ସ୍ତର ବଢ଼ାଉ ନାହିଁ ଏହା ଡିସକମର ଏଟି ଅ।ଣ୍ଡ ସି କ୍ଷତି କମ କରିବାରେ ସହାୟକ ହେଉଛି। ଓଡ଼ିଶା ସରକାରଙ୍କ ମିସନ ଶକ୍ତି ମଡେଲ ଅନୁଯାୟୀ ଫେଡକୋର ସେଫାଳି ଅଭିଯାନ ସୃଷ୍ଟି ହୋଇଛି। ଏହା ଏକ ସଫଳ ମଡେଲ ଯେଉଁଠାରେ ସରକାରୀ ନୀତି ଏବଂ ଘରୋଇ କ୍ଷେତ୍ରର କାର୍ଯ୍ୟକାରିତା ସାମାଜିକ ପରିବର୍ତନ ଏବଂ ପରିଚାଳନା ଦକ୍ଷତାରେ ଶ୍ରେଷ୍ଠ ଫଳ ହାସଲ କରିବାକୁ ନିଶ୍ଚିତ କରୁଛି। ୨୦୧୩ରେ କଂପାନି ନୟାଗଡ଼ ବିଦ୍ୟୁତ ଖଣ୍ଡ (ଡିଭିଜନ)ରୁ ସେଫାଳିର ଶୁଭାରମ୍ଭ ହୋଇଥିଲା ଯେଉଁଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ଭିତିରେ ସ୍ଥାନୀୟ ମହିଳାଙ୍କୁ ନିୟୋଜିତ କରିବା ପରେ ବିଦ୍ୟୁତ ବିତରଣ କ୍ଷେତ୍ରରେ ବଡ଼ ଧରଣର ଉନ୍ନତି ଅ।ସିପାରିଥିଲା। 'ଫେଡକୋର ନିୟମିତ ମାର୍ଗଦର୍ଶନ ଯୋଗୁ ଅ।ମେ କେବଳ ଅ।ର୍ଥିକ ସ୍ତରରେ ସ୍ୱାଧୀନ ହୋଇନାହୁଁ ବରଂ ସମାଜରେ ସମ୍ମାନର ସହ ବଂଚୁଛୁ ବୋଲି ନୟାଗଡ଼ ବିଦ୍ୟୁତ ଖଣ୍ଡର ଏକ ଏସଏଚଜିରେ କାର୍ଯ୍ୟ କରୁଥିବା ଶ୍ରୀମତୀ ସଂଯୁକ୍ତା କହିଛନ୍ତି।' ଓଡ଼ିଶାର ଚାରିଟି ବିଦ୍ୟୁତ ଖଣ୍ଡ-ପୁରୀ, ବାଲୁଗାଁ, ଖୋର୍ଧା ଓ ନୟାଗଡ଼ରେ ବିତରଣ ଫ୍ରାଂଚାଇଜି ଭାବେ କାର୍ଯ୍ୟ କରୁଥିବା ଫେଡକୋ ହେଉଛି ସେହି କିଛି ହାତଗଣତି ଉଦାହରଣ ମଧ୍ୟରୁ ଅନ୍ୟତମ ଯେଉଁଠାରେ ଘରୋଇ ସହଯୋଗିତାରେ ଏଟି ଅ।ଣ୍ଡ ସି କୁ ୨୬% ହ୍ରାସ କରାଯାଇପାରିଛି ଏବଂ ଅ।ର୍ଥିକ ପରିବର୍ତନ ଅ।ସିପାରିଥିବା ବେଳେ ଗ୍ରାମାଂଚଳରେ ପାଂଚ ବର୍ଷର କାରବାର ଭିତରେ ଏଅ।ରଅ।ର-ଏସିଏସ ନଗଦ ରାଶି ସକାରାତ୍ମକ ହୋଇପାରିଛି। 'ସେଫାଳି ଅଭିଯାନ ଯୋଗୁ ନୟାଗଡ଼ ଡିଭିଜନରେ ଏଟି ଅ।ଣ୍ଡ ସି କ୍ଷତି ୩୪% କମିଥିବା ଏବଂ ରାଜସ୍ୱରେ ୨୨୪% ଉନ୍ନତି ହୋଇଥିବା ବେଳେ ସବୁଠୁ ସନ୍ତୋଷଜନକ ବିଷୟ ହେଉଛି ଅ।ମ ସହିତ ଜଡ଼ିତ ହୋଇଥିବା ମହିଳା ଏସଏଚଜିଗୁଡ଼ିକ ଅ।ର୍ଥିକ ସ୍ତରରେ ସ୍ୱାଧୀନ ହୋଇପାରିଛନ୍ତି ଏବଂ ସେମାନେ ନିଜେ ଘର ଚଳାଇ ପାରୁଛନ୍ତି ବୋଲି ଫେଡକୋର ସିଇଓ ସମରଜିତ ମହାନ୍ତି କହିଛନ୍ତି। "ସେ ପୁଣି କହିଛନ୍ତି ଯେ, ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ବିକଶିତ କରିବା ଏବଂ ଲକ୍ଷ୍ୟ ଧାର୍ଯ୍ୟ କରିବାର ଶ୍ରେୟ ସରକାରଙ୍କୁ ଯାଉଛି। ୧୩୩ ମହିଳା ଏସଏଚଜି ଏହାକୁ ବୁଝିବା ଏବଂ ପରିଚାଳନା ଦକ୍ଷତାକୁ କାର୍ଯ୍ୟକାରୀ କରିବାରେ ଯେଉଁ ମଡେଲ ପ୍ରସ୍ତୁତ କରିଛନ୍ତି ତାହାକୁ ଅଂଶୀଦାରମାନେ ଅନୁକରଣ କରିପାରିବେ ଏବଂ ଅନ୍ୟତ୍ର ଦୋହରାଇପାରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଏହି ପାର୍ବଣ ଋତୁରେ ଫ୍ଲିପକାର୍ଟ ପକ୍ଷରୁ ମାରକ୍ୟୁ ଏବଂ ପରଫେକ୍ଟ ହୋମ ବ୍ରାଣ୍ଡର ସଂପ୍ରସାରଣ

ଭୁବନେଶ୍ୱର : ଭାରତର ଅଗ୍ରଣୀ ଇ-କମର୍ସ ମାର୍କେଟ ପ୍ଲେସ ଫ୍ଲିପକାର୍ଟ, ବିଗ ବିଲିୟନ ଡେ ଉପଲକ୍ଷେ ଏହାର ବୃହତ ଉପକରଣ ବ୍ରାଣ୍ଡ ମାରକ୍ୟୁ ଏବଂ ଫର୍ନିଚର ବ୍ରାଣ୍ଡ ପରଫେକ୍ଟ ହୋମସର ସଂପ୍ରସାରଣ କରିଛି । ମାରକ୍ୟୁ ଉନ୍ନତ ମାନର ହୋମ ଏବଂ ପର୍ସନାଲ ଅଡିଓ ଡିଭାଇସ ଏବଂ ଆଣ୍ଡ୍ରଏଡଟିଭି ଷ୍ଟ୍ରମିଙ୍ଗ ବକ୍ସ ସମେତ ଏହି ବ୍ରାଣ୍ଡ ଅଧିନସ୍ଥ ପୋର୍ଟଫୋଲିଓରେ ୱାସିଙ୍ଗ ମେସିନ ଏବଂ ରେଫିଜେରେଟର ମଧ୍ୟ ରହିଛି । ଏହି ବ୍ରାଣ୍ଡ ଅନ୍ତର୍ଗତ ଟିଭି ଗୁଡ଼ିକ 'ସମ୍ପୂର୍ଣ୍ଣ ଉପକରଣ ସୁରକ୍ଷା', ମାନ୍ୟୁଫାକଚରିଙ୍ଗ ଏବଂ ଦୁର୍ଘଟଣା ଜନିତ କ୍ଷତିକୁ ଅନ୍ତର୍ଭୁକ୍ତ କରୁଥିବା ଏକ ତିନି ବର୍ଷର କେୟାର ପ୍ଲାନ ସହିତ ଆସିଥିବା ବେଳେ ରେଫ୍ରିଜେରେଟର ଗୁଡ଼ିକ ଶ୍ରେଷ୍ଠ ୧୦ ବର୍ଷର ୱାରେଣ୍ଟି ସହ ଆସିଛି । ସେହିଭଳି ଫ୍ଲିପକାର୍ଟର ପରଫେକ୍ଟ ହୋମ ଏହାର ପୋର୍ଟଫୋଲିଓକୁ ଆଗକୁ ସଂପ୍ରସାରିତ କରିଛି ଯାହାକି ପୂର୍ବରୁ ଖଟ, ସୋଫା, ଡାଇନିଙ୍ଗ ଟେବଲ ସମେତ ବର୍ତ୍ତମାନ ବୁକସେଲଭ, କିଚନ କ୍ୟାବିନେଟକୁ ସାମିଲ କରିଛି । ଏହା ବ୍ୟତିତ ଏହି ବ୍ରାଣ୍ଡ ଲ୍ୟାମ୍ପ, କାନ୍ଥ ଘଣ୍ଟା, ବେଡ ସିଟ ଏବଂ ବାଥ ଲାଇନେନ ଆଣି ହୋମ ଫର୍ନିସିଙ୍ଗ ଏବଂ ଗୃହ ସଜ୍ଜାକୁ ଅଧିକ ଆକର୍ଷଣୀୟ କରିଦେଇଛି । ବିଗତ ବର୍ଷର ବିଗ ବିଲିୟନ ଡେ ଅବସରରେ ଫ୍ଲିପକାର୍ଟ ହୋମ ଦେଶର ବୃହତ୍ତମ ଫର୍ନିଚର ବ୍ରାଣ୍ଡର ମାନ୍ୟତା ପାଇଥିଲା । ଏହି ପାର୍ବଣ ଋତୁରେ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଉଭୟ ବ୍ରାଣ୍ଡ ସେମାନଙ୍କର ଉପକରଣ ନିର୍ମାଣ ସାମର୍ଥ୍ୟତାକୁ ତ୍ୱରାନ୍ୱିତ କରିଛନ୍ତି । ଫ୍ଲିପକାର୍ଟର ଏହି ଉଭୟ ମାରକ୍ୟୁ ଏବଂ ପରଫେକ୍ଟ ହୋମ ୨୦୧୯ରେ ସେମାନଙ୍କର ମାନ୍ୟୁଫାକ୍‌ଚରିଙ୍ଗ ସହଯୋଗୀଙ୍କ ସଂଖ୍ୟାରେ ୨ ଗୁଣ ବୃଦ୍ଧି କରିଛି । ଉଭୟ ବ୍ରାଣ୍ଡର ଅ'ର୍ଭୁକ୍ତ ସମସ୍ତ ଉପକରଣ ଗୁଡ଼ିକ ଉନ୍ନତ ଗୁଣବତ୍ତା ଏବଂ ମୂଲ୍ୟ ବର୍ଗରେ ଏହି ପାର୍ବଣ ଋତୁରେ ଗ୍ରାହକ ମାନଙ୍କ ପାଇଁ ଉପଯୁକ୍ତ ଅଟେ । ଏହା ସମ୍ପର୍କରେ ଫ୍ଲିପକାର୍ଟର ଇଲେକ୍ଟ୍ରୋନିକ୍ସ ଏବଂ ଫର୍ନିଚର ପ୍ରାଇଭେଟ ବ୍ରାଣ୍ଡର ଉପାଧ୍ୟକ୍ଷ ଶ୍ରୀ ଆଦର୍ଶ ମେନନ୍ କହିଛନ୍ତି, 'ଫ